

ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ସାଇକେଲ ଆରୋହୀ ଗୁରୁତର

**ବାମରା, ୩୦।୧୦ (ଡି.ଏନ.ଏ.):** ବାମରା ବ୍ଲକ ଗଡପୋଷ ବୁଣ୍ଡୁକାମାଲ ବ୍ରିଜ ପାଖରେ ଏକ ଡମ୍ଫର ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କେଛୁପାଣି ଗ୍ରାମର ଭୋଟଲୋ ଛତ୍ରିଆ (୪୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗଡପୋଷ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଗଡପୋଷ ଫାଣ୍ଡି ପୋଲିସ ଦୁର୍ଘଟଣା ଘଟାଇଥିବା ଡମ୍ଫର (ଓଡି ୧୬ ବି- ୮୯୩୨)କୁ ଜବତ କରି ଏକ ମାମଲା ରୁଜୁ କରିଛି।

### ଟ୍ରାକ୍ଟର ଧକ୍କାରେ ରିକ୍ସା ଚାଳକ ଗୁରୁତର

**ସମ୍ବଲପୁର,୩୦।୧୦(ବ୍ୟୁରୋ):** ସମ୍ବଲପୁର ଜିଲାପାଳଙ୍କ ଅଫିସ୍ ଗେଟ୍ ସମ୍ମୁଖ ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜ୍ ତଳେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ବଲାଙ୍ଗୀର ଜିଲା ମୁରିବାହାଲ ବଡସାହିମରା ଗ୍ରାମର ନାମ ମହାନନ୍ଦ (୫୨) ଆହତ ହୋଇଛନ୍ତି। ତାଙ୍କ ଗୋଡରେ ଗଭୀର କ୍ଷତ ହୋଇଛି। ସେ ଜିଲା ସଦର ଡାକ୍ତରଖାନର ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ମହାନଗର ନିଗମ ଅଧୀନରେ କାମ କରୁଥିବା ଏକ ଟ୍ରାକ୍ଟର କଚେରି ପଟୁ ଦ୍ରୁତ ଗତିରେ ଆସି ପ୍ରଥମେ ଜିଲାପାଳଙ୍କ ଅଫିସ ସମ୍ମୁଖ ବ୍ୟାରିକେଟରେ ବାଜିଥିଲା। ଟ୍ରାକ୍ଟର ଟ୍ରଲିରେ ବ୍ୟାରିକେଟର ଲୁହା ତାର ଲାଗି ଯାଇ ଘୋଷାଡି ହୋଇଯାଇଥିଲା। ଏହି ସମୟରେ ମହିଳା କଲେଜରେ ପଢୁଥିବା ଝିଅକୁ ଦେଖା କରିବାକୁ ନାମ ଏକ ରିକ୍ସାରେ ବସି ଯାଉଥିଲେ। ଲୁହା ତାର ରିକ୍ସା ଚକ ସହ ନାମଙ୍କ ଗୋଡରେ ଗୁଡାଇ ହୋଇଯାଇଥିଲା। ଫଳରେ ନାମଙ୍କ ଗୋଡରୁ ରକ୍ତସ୍ରାବ ହୋଇଥିଲା। ନାମ ବଲାଙ୍ଗୀରରେ ରିକ୍ସା ଚଳାଇ ଗୁଜୁରାଣ ମେଣ୍ଟାନ୍ତି। ଏବେ କିଛି ଦିନ ପାଇଁ ସେ ରୋଜଗାର ହରାଇବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହି ଦୁର୍ଘଟଣା ପାଇଁ ଫ୍ଲାଏଓଭର ବ୍ରିଜ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପଣ୍ଡା କନଷ୍ଟ୍ରକ୍ସନ ଓ ପୋଲିସକୁ ଦାୟୀ କରାଯାଇଛି। ଜିଲାପାଳଙ୍କ ଅଫିସ ସମ୍ମୁଖରେ ପୋଲିସ ପକ୍ଷରୁ ଲୁହା ବ୍ୟାରିକେଟ ଦେଇ ତାର ରଖା ଯାଇଛି। ସେହିପରି ପଣ୍ଡା କନଷ୍ଟ୍ରକ୍ସନ ବିଭିନ୍ନ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖି କାମ କରୁଛି। ବାଡ ଦେଇ ରାସ୍ତାକୁ ସଙ୍କୁଚିତ କରି ଦିଆଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ହେଲେ ପ୍ରଶାସନିକ ଅଧିକାରୀ, ପୋଲିସ ସମସ୍ତେ ଚୁପ୍। ଠିକା ସଂସ୍ଥାକୁ କେହି ତାଗିତ କରୁ ନାହାନ୍ତି। ନିଜେ ପୋଲିସ ମଧ ଲୁହା ତାରରେ ବ୍ୟାରିକେଟ କରି ଲୋକଙ୍କୁ ହଇରାଣ କରୁଛି।



### ଖବରଦାତାଙ୍କ ଭ୍ରାତା ବିୟୋଗ

**ଜମନକିରା, ୩୦।୧୦ (ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଧରିତ୍ରୀ ପ୍ରତିନିଧି ରବୀନ୍ଦ୍ର ପ୍ରସାଦ ଦାନୀଙ୍କ ବଡ଼ ଭାଇ ଗିରିନ୍ଦ୍ର ପ୍ରସାଦ ଦାନୀଙ୍କ ବୁଧବାର ସକାଳ ସାଢ଼େ ୭ଟାରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ବଡ଼ ପୁଅ ଅଶୋକ କୁମାର ଦାନୀ ମୁଖାଗ୍ନି ଦେଇଥିଲେ। ତେବେ ତାଙ୍କ ପରଲୋକରେ ଜମନକିରା ବ୍ୟବସାୟୀ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇଥିଲା।

ଜମନକିରା ବ୍ଲକ

# ପ୍ରହସନ ପାଲଟିଛି ନିଯୁକ୍ତି ପରାମର୍ଶ ଶିବିର

**ଜମନକିରା,୩୦।୧୦ ( ଡି.ଏନ୍.ଏ)**

ଜମନକିରା ବ୍ଲକ୍‌ରେ ବେକାର ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଅବହେଳା ତଥା ପ୍ରଚାର ପ୍ରସାର ଅଭାବରୁ ବହୁ ବେକାର ଯୁବତୀ ଯୁବକ ଏହି ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଓର୍‌ମାସ ଅଧିକାରୀଙ୍କ ମୋବାଇଲ ଫୋନ ଖରାପ ଥିବା ଯୋଗୁ ପ୍ରଚାର ପ୍ରସାର କରିବାରେ ବାଧା ହୋଇଥିବା ନେଇ ଓରମାସ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଏମ୍‌ଏଏଫ୍ କରିମ କହିଛନ୍ତି। ତେବେ ୨୬ଟି ଟ୍ରେଡ୍‌ରେ ୧୧ଟି ଏଜେନ୍ସି ଦ୍ୱାରା ନିଯୁକ୍ତିର ସୁଯୋଗ ଦିଆଯାଇଛି। ଜମନକିରାରେ ୨୧ଟି ପଞ୍ଚାୟତ ରହିଥିବା ବେଳେ ହଜାର ହଜାର ସଂଖ୍ୟକ ବେକାର ଯୁବକ ଯୁବତୀ କର୍ମ ନିଯୁକ୍ତି ସୁଯୋଗରୁ ହାତ ଛଡ଼ା ହେଉଛନ୍ତି। ମଙ୍ଗଳବାର ସେମାନଙ୍କ ପାଇଁ ସୁଯୋଗ ରହିଥିଲା। ହେଲେ ଦାୟିତ୍ୱରେ ଥିବା ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ବେକାର ଯୁବତୀ ଯୁବକମାନେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବ୍ଲକ୍ ସ୍ତରରେ ହାରାହାରି ୩ ହଜାରରୁ ଅଧିକ ବେକାର ଯୁବତୀ ଯୁବକ ରହିଥିବା ବେଳେ ମାତ୍ର ୮୮୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଓର୍‌ମାସ୍‌ର ସହକାରୀ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ବିଡ଼ିଓ ଅଜୟ କୁମାର ତିୱାରୀ, ଏବିଡ଼ିଓ ପ୍ରଦୀପ କୁମାର ଛୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠି କାର୍ଯ୍ୟକ୍ରମ ପରିଚାଳକ ଏମ୍.ଏ.ଏଫ୍ କରିମ ପରିଚାଳନା କରିଥିଲେ।



ଜମନକିରା ବ୍ଲକ ଅଫିସ ପରିସରରେ ଅନୁଷ୍ଠିତ ନିଯୁକ୍ତି ପରାମର୍ଶ ଶିବିରରେ ଯୁବତୀମାନେ ନାମ ପଞ୍ଜୀକରଣ ପାଇଁ ଅପେକ୍ଷା କରିଛନ୍ତି।

### ବନ ନିଗମ କର୍ମଚାରୀ ସଂଘର ସାଧାରଣ ଅଧିବେଶନ

**ରେଢାଖୋଲ,୩୦।୧୦(ଡି.ଏନ.ଏ.)**

ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ ରେଢାଖୋଲ ଶାଖାର ଦ୍ୱିତୀୟ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଛି। ସନ୍ତୋଷ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଲଳିତେନ୍ଦୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଓ ହରିହର ଖିଲାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶୁଭନାରାୟଣ ନାୟକ ବିବରଣି ପାଠ କରିଥିଲେ। ରମଣିରଞ୍ଜନ ଦଣ୍ଡସେନା ଧନ୍ୟବାଦ ଅର୍ପନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାମଲ, କିଶୋରଚନ୍ଦ୍ର ଛୋଟରାୟ, ବିନୟ କୁମାର ପ୍ରଧାନ, ବିନୟ କୁମାର ହୋତା, କୃପାସିନ୍ଧୁ ମିଶ୍ର, ଲମ୍ବୋଦର ସାହୁ, ଘନଶ୍ୟାମ ବାରିକ, ସୀତାକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଅଇଁଠାପାଲି ଆଶ୍ରମ ସ୍କୁଲରେ ପାଠ୍ୟ ଉପକରଣ ବଣ୍ଟନ



ଅଇଁଠାପାଲି ଆଶ୍ରମ ସ୍କୁଲରେ ଛାତ୍ରୀମାନଙ୍କୁ ଅତିଥି ପାଠ୍ୟ ଉପକରଣ ପ୍ରଦାନ କରୁଛନ୍ତି ।

**ସମ୍ବଲପୁର, ୩୦।୧୦ (ବ୍ୟୁରୋ)**

ଅଇଁଠାପାଲି ଆଶ୍ରମ ସ୍କୁଲରେ ଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏସ୍‌ପି କନୱର ବିଶାଲ ସିଂ ଓ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣ ମାଝି, ପ୍ରଫୁଲ୍ଲ କୁମାର ଦାଶ, ନନ୍ଦକିଶୋର ସାହୁ, ନିଶାନ ଦୀକ୍ଷିତ, ସୁପ୍ରୀତ ଠେଲା, ଶଶିକାନ୍ତ ସାହା, ଆକାଶ ପାତ୍ର, ସୋମନାଥ ଜାଲ, ମହେଶ ପଟେଲ, ଗୋଲକ ବିହାରୀ ମିଶ୍ର, ସପନ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଗିରିଗୋବର୍ଦ୍ଧନ ପୂଜା

**ସମ୍ବଲପୁର, ୩୦।୧୦ (ବ୍ୟୁରୋ)**

ନିତାଇ ଗୌର ମାତା ମଠାରେ ଗିରିଗୋବର୍ଦ୍ଧନ ପୂଜା ସମ୍ପନ୍ନର୍ଣ୍ଣ ହୋଇଛି। ହୋମଯଜ୍ଞ ସହ ଭଜନ କୀର୍ତ୍ତନ କରାଯାଇଥିଲା । ଗିରିଗୋବର୍ଦ୍ଧନଙ୍କୁ ୧୦୮ ତୁଳସୀ ମାଳ ଅର୍ପଣ କରାଯାଇଥିଲା । ମହାଆଳତି ପରେ ଭୋଗ ଅର୍ପଣ କରାଯାଇଥିଲା। ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା । ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା ।

### ସାପ କାମୁଡ଼ାରେ ଜଣେ ମୃତ

**ସମ୍ବଲପୁର,୩୦।୧୦(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ପୁଟିବନ୍ଧ ଗ୍ରାମରେ ସାପ କାମୁଡାରେ ବିରଞ୍ଚି ବରିହା (୪୫)ଙ୍କ ମୃତ୍ୟୁ ଘଟିଛି । ଜିଲା ସଦର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଏମ୍‌ସିଏଲ୍‌କୁ ଜାତୀୟ ପୁରସ୍କାର

**ସମ୍ବଲପୁର, ୩୦।୧୦ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଓଡିଶାର ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି । ଏହାକୁ ଦୃଷ୍ଟିରେରଖି ଦିଲ୍ଲୀ ବିଜ୍ଞାନ ଭବନଠାରେ କର୍ପୋରେଟ ଆଫାୟାର୍ସ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସିଏସ୍‌ଆର ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଅର୍ଥ ଓ କର୍ପୋରେଟ ଆଫାୟାର୍ସ ମନ୍ତ୍ରୀ ନିର୍ମଳା ସୀତାରମନ୍‌ଙ୍କଠାରୁ ଏମସିଏଲ କାର୍ମିକ ନିର୍ଦ୍ଦେଶକ କେ.ଆର. ବାସୁଦେବନ ଓ ସିଏସଆର ମହାପ୍ରବନ୍ଧକ ବି. ସାଇରାମ ପୁରସ୍କାର ଗ୍ରହଣ କରିଛନ୍ତି। ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ସିଏସଆର ଟିମ୍‌କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ କମ୍ପାନୀ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ପୁରସ୍କାର ସିଏସଆର କ୍ଷେତ୍ରରେ ସର୍ବଶ୍ରେଷ୍ଠ। ଏମସିଏଲ ୨୦୧୭-୧୮ ବର୍ଷରେ ସିଏସଆର ପାଣ୍ଠିରୁ ୨୬୭ କୋଟି ଖର୍ଚ୍ଚ କରିଥିଲା, ଯାହାକି ଅନ୍ୟ ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ଇଣ୍ଟରପ୍ରାଇଜେସ୍ ସିଏସଆର ପାଣ୍ଠି ହିସାବରେ ଏମସିଏଲ ତୃତୀୟ ସ୍ଥାନ ଅଧିକାର କରିଛି। ଚଳିତ ବର୍ଷ ଏନସିଏସଆରଏ ସକାଶେ ସମୁଦାୟ ୫୨୮ଟି ଆବେଦନ ପତ୍ର ମଧ୍ୟରୁ ବିଚାରକ ମଣ୍ଡଳୀ ଦ୍ୱାରା ୧୩୧ଟି କମ୍ପାନୀକୁ ଚୟନ କରାଯାଇ ନିର୍ଦ୍ଧାରିତ ପେପର ଦେବା ପାଇଁ କୁହାଯାଇଥିଲା। ତନ୍ମଧ୍ୟରୁ ୩ଟି ବିଭାଗରେ ୧୯ଜଣଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା ।




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳ ସୀତାରମନ୍‌ଙ୍କଠାରୁ ଏମସିଏଲ କାର୍ମିକ ନିର୍ଦ୍ଦେଶକ କେଆର ବାସୁଦେବନ ପୁରସ୍କାର ଗ୍ରହଣ କରୁଛନ୍ତି। ପାର୍ଶ୍ୱରେ ସିଏସଆର ମହାପ୍ରବନ୍ଧକ ବି. ସାଇରାମ ଉପସ୍ଥିତ ଅଛନ୍ତି ।

## ସନ୍ତରଣ ପ୍ରତିଯୋଗୀଙ୍କ ସିଙ୍ଗାପୁର ଯାତ୍ରା

**ସମ୍ବଲପୁର, ୩୦।୧୦ (ବ୍ୟୁରୋ)**

ଆସନ୍ତା ନଭେମ୍ବର ୨ ତାରିଖ ସିଙ୍ଗାପୁରଠାରେ ଏକ ସନ୍ତରଣ ପ୍ରତିଯୋଗିତା ହେବ । ଏଥିରେ ଓଡିଶା ରାଜ୍ୟ ଦଳ ପ୍ରତିନିଧିତ୍ୱ କରିବ। ଓଡିଶା ଦଳରେ ସମ୍ବଲପୁରର ସନ୍ତରଣବିତ ପ୍ରେମରଞ୍ଜନ ପ୍ରଧାନ, ହରେକୃଷ୍ଣ ପଣ୍ଡା, ନାରାୟଣ ପଣ୍ଡା ସାମିଲ ଅଛନ୍ତି। ସେମାନେ ୫୦, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ଫ୍ରି ଷ୍ଟାଇଲ, ବଟର ଫ୍ଲାଏ, ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ଭାଗ ନେବେ। ସମ୍ବଲପୁର ରେଳ ଷ୍ଟେଶନରେ ଓଡିଶା ମାଷ୍ଟରର୍ସ ସୁଇମର୍ସ କ୍ଲବ ସାଧାରଣ ସମ୍ପାଦକ ଜୟନ୍ତ ପାଣ୍ଡେ, ସୁନ୍ଦରମଣୀ ବାରିକ, ବିଜୟ କୁମାର ଦୀକ୍ଷିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜିଲା ସନ୍ତରଣ ସଂଘର ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ମଧ ଶୁଭେଚ୍ଛା ଜଣାଇଛନ୍ତି।



ସିଙ୍ଗାପୁରରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା ସନ୍ତରଣବିତମାନେ।

### ଭାରସାମ୍ୟ ହରାଇ ବାଇକ୍ ଆରୋହୀ ଗୁରୁତର

**ଧମା, ୩୦।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଧମା ଥାନା ଅଧୀନ ଦେଓଗାଁ ହାଇସ୍କୁଲ ନିକଟସ୍ଥ ପୋଲ ପାଖରେ ବୁଧବାର ଅପରାହ୍ନ ସାଢ଼େ୩ଟା ଏକ ଦର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବୁର୍ଲା କଣ୍ଠାପାଲି ଗ୍ରାମର ନିରଞ୍ଜନ ମିରିଗ (୨୬)। ଦେଓଗାଁ ନିକଟସ୍ଥ ବାନପୁର ଗ୍ରାମରୁ ସେ ବାଇକ୍ (ନଂ. ଓଡି ୧୭ ଏଫ- ୮୫୦୨)ରେ ଫେରୁଥିଲେ। ହେଲେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ ଖବର ପାଇ ଧମା ଥାନା ପୋଲିସ ଉଦ୍ଧାର କରିଥିଲା। ସବ୍‌ଇନ୍ସପେକ୍ଟର ସୁଧାଂଶୁ ପାତ୍ର ପିସିଆର ମୋବାଇଲ ଭ୍ୟାନ୍ ସହ ପହଞ୍ଚି ତାଙ୍କୁ ସଦର ଡାକ୍ତରଖାନା ପଠାଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଏ ବାବଦରେ ଧମା ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।



ଜମନକିରା କରଣ ସମାଜ ପକ୍ଷରୁ ସମାଜର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଚିତ୍ରଗୁପ୍ତଦେବଙ୍କ ପୂଜାରେ ଉପସ୍ଥିତ ସମାଜର ବ୍ୟକ୍ତିବିଶେଷ।

## କରଣ ସମାଜର ଚିତ୍ରଗୁପ୍ତ ପୂଜା

**ଜମନକିରା, ୩୦। ୧୦ (ଡି.ଏନ୍.ଏ)**

ଜମନକିରା କରଣ ସମାଜ ପକ୍ଷରୁ ସମାଜର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଚିତ୍ରଗୁପ୍ତଦେବଙ୍କ ପୂଜା ବଡ଼ ଧୁମ୍‌ଧାମ୍‌ରେ ସ୍ଥାନୀୟ କରଣ କଲ୍ୟାଣ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମନକିରା ବ୍ଲକ୍ ଅଞ୍ଚଳର ବହୁ କରଣ ସମାଜର ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଗୋକୁଳାନନ୍ଦ ଦାନୀ ଓ ମହିନୀ ଦାନୀ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଭାବେ ପଣ୍ଡିତ ରାଣାପ୍ରତାପ ପାଢ଼ୀ କାର୍ଯ୍ୟ କରିଥିଲେ। ପୂର୍ବାହ୍ନରେ କଳସ ଯାତ୍ରା ପରେ କଳସ ସ୍ଥାପନ କାରଯାଇଥିଲା। ଜାହ୍ନବୀ ବହିଦାର, ଜାନକୀ ପଟ୍ଟନାୟକ, ସୂର୍ଯ୍ୟମଞ୍ଜରୀ ସାହାଣୀ, ସରସ୍ୱତୀ ସାହାଣୀ, କଳ୍ପନା ପଟ୍ଟନାୟକ, ଲକ୍ଷ୍ମୀବାଳା ବହିଦାର, ବିଜୟାଲକ୍ଷ୍ମୀ ଦାନୀ, ଆରତୀ ବହିଦାର, ଅମୂଲ୍ୟା ମଞ୍ଜରୀ ପଟ୍ଟନାୟକ, ଲିଲି ସାହାଣୀ, ତୁନି ସାହାଣୀ, ବବିତା ଦାନୀ, ପାୟଲ ଦାନୀ, ଅନିତା ଦାନୀ ପ୍ରମୁଖଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ପଟ୍ଟନାୟକ, ନବୀନ ପଟ୍ଟନାୟକ, ଗୋକୁଳାନନ୍ଦ ଦାନୀ, ସଭାପତି ଦିଲ୍ଲୀପ ବହିଦାର, ସମ୍ପାଦକ ରବୀନ୍ଦ୍ର ଦାନୀ, ଅଶୋକ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଅରୁଣ ପଟ୍ଟନାୟକ, ଚିତ୍ତରଞ୍ଜନ ସାହାଣୀ, ନିମାଇଚନ୍ଦ୍ର ସାହାଣୀ, ଅରୁଣ କୁମାର ପଟ୍ଟନାୟକ, ସରୋଜ ସାହାଣୀ, ନରେନ୍ଦ୍ର ସାହାଣୀ, ଭାଗ୍ୟନାଥ ପଟ୍ଟନାୟକ, କୈଳାଶ ଦାନୀ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଦର ଥାନାରେ ବରିଷ୍ଠ ନାଗରିକଙ୍କୁ ନେଇ ବୈଠକ

**ସମ୍ବଲପୁର,୩୦।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନାରେ ବରିଷ୍ଠ ନାଗରିକଙ୍କୁ ନେଇ ଆମ ପୋଲିସ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଥାନା ଅଧିକାରୀ ଯୋଗେଶ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ । ଧନକଉଡା, ମାନେଶ୍ୱର, ପଡିଆବାହାଲ ଅଞ୍ଚଳରେ ପଟ୍ରୋଲିଂ କରାଯିବା, ଧନକଉଡାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବା, ବିଭିନ୍ନ ସ୍ଥାନରେ ନିଶା ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବାକୁ ଏଥିରେ ଦାବି କରାଯାଇଛି। ଆଶିଷ କୁମାର ନାଥ,ଅନ୍ତର୍ଯ୍ୟାମୀ ଦାସ, ନିମେଇଁ ଚରଣ ନନ୍ଦ, ଅନୀତା ଓରାମ, ପ୍ରକାଶ ଚନ୍ଦ୍ର ସାହୁ, ମିତ୍ରଭାନୁ ପ୍ରଧାନ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅନନ୍ଦ ଚନ୍ଦ୍ର ସାହୁ, ପ୍ରଶ୍ନ ବିଶ୍ୱାଳ, ଭକ୍ତପ୍ରସାଦ ପଣ୍ଡା, ଭୀଷ୍ମପ୍ରସାଦ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ. ଭକ୍ତଚରଣ ପଣ୍ଡା, ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ନିୟମ, ନିର୍ଦ୍ଦେଶକୁ ଅବମାନନା

## ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କୁ ଭେଟିଲା ଭାଜପା

**ସମ୍ବଲପୁର,୩୦।୧୦(ବ୍ୟୁରୋ)**

ହୀରାକୁଦ ଜଳ ଭଣ୍ଡାରର ଅନେକ ପ୍ରକଳ୍ପ ବିନା ଟେଣ୍ଡରରେ କରାଯାଉଛି। କିଛି ବ୍ୟକ୍ତିଙ୍କୁ ସୁବିଧା ଦେବାକୁ ବିଭାଗ ପକ୍ଷରୁ ଏଭଳି କରାଯାଉଛି । ଭାଜପା ହୀରାକୁଦ ମଣ୍ଡଳ ପକ୍ଷରୁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ନିକଟରେ ଏଭଳି ଅଭିଯୋଗ ହୋଇଛି। ଚଣ୍ଡି ଦାସ, ଲଳିତ କିଶୋର ପାଇକରାୟ, ଅନୁପ କୁମାର ମିଶ୍ର, କିଶୋର ଚନ୍ଦ୍ର ସାହୁ, ଆଦିତ୍ୟ କର, ଭାଗ୍ୟବାନ ବେହେରା, ସୁଧାଂଶୁ ରାଉତ, ରଞ୍ଜନ କୁମାର ମାଝି ପ୍ରମୁଖ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ ।



ସମ୍ବଲପୁର ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଉଛି ।

### ଧାନ ପାଇଁ ଚାଷୀଙ୍କ ଚିନ୍ତା

**ନାକଟିଦେଉଳ,୩୦।୧୦ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଧାନ ଚାଷରେ ରୋଗ ପୋକର ପ୍ରାଦୁର୍ଭାବ ଦେଖା ଦେଇଛି। ଏଥିଯୋଗୁ ଚାଷୀଙ୍କ ମଧରେ ଭାଳେଣି ପଡ଼ିଛି । ଯେତେ ପ୍ରକାରର କୀଟନାଶକ ବ୍ୟବହାର କଲେ ମଧ ଚାଷୀ ଏହି ରୋଗପୋକ ଦାଉରୁ ଧାନ କ୍ଷେତକୁ ରକ୍ଷା କରି ନ ପାରି ଚିନ୍ତିତ ହୋଇପଡ଼ିଛନ୍ତି। ପାଣିଗ୍ରାହୀପାଲି ଗ୍ରାମର ଗୌତମ ପ୍ରଧାନ, ହୃଷୀକେଶ ବେହେରା, ପ୍ରଦୀପ ସାହୁ, ପୂର୍ଣ୍ଣ ସାହୁ, କିଶୋରୀ ଚରଣ ବିଶି, ଜିତାନ ବିଶି ଏବଂ ସରୋଜ ବିଶିଙ୍କ କ୍ଷେତରେ ରୋଗ ପୋକ ଲାଗି ଏକର ଏକର ଧାନ ପସଲ ନଷ୍ଟ ହୋଇଛି । ସେହିପରି କଞ୍ଚନପୁର ଗ୍ରାମର ସୁନା ନାଏକ, ମିନ କେତନ ପ୍ରଧାନ, ଲମ୍ବୋଦର ସାହୁ ଏବଂ ଶୁଭେନ୍ଦ୍ର ପ୍ରଧାନଙ୍କ କ୍ଷେତ ମଧ କ୍ଷତି ଘଟିଛି।



ବୁଧବାର ସମ୍ବଲପୁର ଦଧିବାମନ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଚିତ୍ରଗୁପ୍ତ କଲ୍ୟାଣ ସଂଘର ବାର୍ଷିକ ଉତ୍ସବରେ ବିଧାୟକ ଜୟନାରାୟଣ ମିଶ୍ର ବାପୁଜୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ପଦା ହେଉଛି କେଲିଆ ସଂରକ୍ଷିତ ଜଙ୍ଗଲ

ଉତ୍ତମ କୁମାର ଦାଶ
କୁନାଗଡ,୩୦।୧୦(ଡି.ଏନ.ଏ.)

ସରକାର ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାରାରୋପଣ କରୁଛନ୍ତି। ବିଭାଗୀୟ କର୍ମଚାରୀ ଓ କାଠମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏହା ବାଟବଣା ହେବାରେ ଲାଗିଛି। କାଠମାଫିଆମାନେ ବେପରୁଆ ଭାବେ ଦିନକୁ ଦିନ ଜଙ୍ଗଲରୁ ମୂଲ୍ୟବାନ ଗଛଗୁଡିକୁ କାଟି ନେବାରେ ସଫଳ ହେଉଛନ୍ତି। ଫଳରେ ଜଙ୍ଗଲଗୁଡିକ ଧୀରେ ଧୀରେ ପଦାହେବାକୁ ବସିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଧର୍ମଗଡ ରେଞ୍ଜ ଅଧୀନ କୁନାଗଡ ବ୍ଲକ କେଲିଆ ସଂରକ୍ଷିତ ଜଙ୍ଗଲରେ। ୨୪୦ ହେକ୍ଟର ବିଶିଷ୍ଟ ଏହି ସଂରକ୍ଷିତ ଜଙ୍ଗଲ ଏବେ ରକ୍ଷଣାବେକ୍ଷଣ ଅଭାବରୁ ପଦା ହେବାକୁ ବସିଛି। ଠିକ୍ ଭାବେ ବନ କର୍ମଚାରୀମାନେ ରହୁ ନ ଥିବା ତଥା ତଦାରଖ କରୁ ନ ଥିବାରୁ ମୂଲ୍ୟବାନ ଶାଗୁଆନ ଗଛଗୁଡିକୁ କାଠମାଫିଆମାନେ କାଟି ନେଇଥିବା ଦେଖିବାକୁ ମିଳିଛି, ଯାହାକୁ ଅଧାଖଣ୍ଡ ଶାଗୁଆନ ଗଛ ବୟାନ କରୁଛି। ୨୦୧୬-୧୭ରେ କାମ୍ପା ଯୋଜନାରେ ଏହି ଜଙ୍ଗଲର ୫୦ ହେକ୍ଟର ଖୋଲା ସ୍ଥାନରେ ୧୦ ହଜାର ଗଛ ଲଗାଯାଇଥିଲା। ସେହିପରି ୨୦୧୮-୧୯ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୧୦୦ ହେକ୍ଟର ଖୋଲା ସ୍ଥାନରେ ୧୨ ହଜାର ଗଛ ଲଗାଯାଇଥିବା ବନ ବିଭାଗ କର୍ମଚାରୀଙ୍କଠୁ ଜଣାପଡିଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ ଖର୍ଚ୍ଚ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ କାଁ ଭାଁ କିଛି ଗଛ ଏବେ ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ଗଛ ଆଉ ଦେଖିବାକୁ ମିଳୁନାହିଁ। ଯାହାକି ଜଙ୍ଗଲ ଖୋଲା ଥିବା ସ୍ଥାନ ବୟାନ କରୁଛି। ୨୦୧୬-୧୭ରେ ଲଗାଯାଇଥିବା ଚାରାରୋପଣ ସୂଚନା ଫଳକ ଲଗାଯାଇଥିବା ବେଳେ ୨୦୧୮-୧୯ର ସୂଚନା ଫଳକ ଅଦ୍ୟାବଧି ଲଗାଯାଇନାହିଁ। ଏହାକୁ ନେଇ ସାଧାରଣରେ ବନବିଭାଗ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ୨୦୧୮-୧୯ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଲଗାଯାଇଥିବା ବୃକ୍ଷ ଓ ଶ୍ରମିକଙ୍କୁ ଦିଆଯାଇଥିବା ପାରିଶ୍ରମିକରେ ଅନିୟମିତତା ହୋଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ପ୍ରତିବର୍ଷ ଏଠାରେ ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ଜଙ୍ଗଲର ଅବସ୍ଥାରେ କୌଣସି ସୁଧାର ଆସୁନାହିଁ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ପୂର୍ବରୁ ଏହି ଜଙ୍ଗଲ ପ୍ରାୟ ୭ ଶହ ଏକର ପରିମିତ ରହିଥିବା ବେଳେ ବର୍ତ୍ତମାନ ଏହା ହ୍ରାସ ପାଇଛି। ଏହି ଜଙ୍ଗଲ କେଲିଆ ସମେତ ମୁଣ୍ଡିଗୁଡା, ମିଚାଗାଁ, ଆଟିଗାଁ, କାନ୍ଦୁଲଗୁଡା, ବାଗଡୁଙ୍ଗରୀ ଆଦି ଗ୍ରାମକୁ ସଂଯୋଗ କରିଥିଲା। ଏ ନେଇ ବିଭାଗୀୟ ଫରେଷ୍ଟର ପ୍ରେମ କୁମାର ସାଗରଙ୍କୁ ପଚାରିବାରୁ ତାହା ବୋଧହୁଏ ପୂର୍ବରୁ କଟାଯାଇଥିବା ଗଛ। ସୂଚନା ଫଳକ ନ ଲଗାଇବା ବିଷୟରେ ପଚାରିବାରୁ ମୁଁ ବୁଝୁଛି ଲଗାଯାଇଛି କି ନାହିଁ ବୋଲି କହିଥିଲେ। ଏ ନେଇ ଦକ୍ଷିଣ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଟି. ଅଶୋକ କୁମାରଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ଶାଗୁଆନ ଗଛକୁ କାଟି ନେଇଛନ୍ତି, ବୃକ୍ଷ ଅଭାବରୁ ପଦା ଦିଶୁଛି ଜଙ୍ଗଲ ।

- ମୂଲ୍ୟବାନ୍ ଗଛ କାଟି ନେଉଛନ୍ତି କାଠମାଫିଆ, ନୀରବଦ୍ରଷ୍ଟା ବନ ବିଭାଗ
- ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ, ସୁଧୁରୁନି ଜଙ୍ଗଲର ଅବସ୍ଥା

## ଧମା ବନ୍ୟା ଆଶ୍ରୟସ୍ଥଳ ପୁରସ୍କୃତ




ଧମା, ୩୦।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ଧମାଠାରେ ନିର୍ମିତ ବନ୍ୟା ଆଶ୍ରୟସ୍ଥଳକୁ ସୁପରିଚାଳନା ପାଇଁ ସାରା ଓଡିଶାରେ ଦ୍ୱିତୀୟ ପୁରସ୍କାର ମିଳିଛି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଏହି ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆଶ୍ରୟସ୍ଥଳର ପରିଚାଳନା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କୁ ଟ୍ରଫି, ପ୍ରମାଣପତ୍ର ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ବାବଦକୁ ଚେକ୍ ପ୍ରଦାନ କରି ପୁରସ୍କୃତ କରିଛନ୍ତି।

## ସଂକ୍ଷେପରେ

### ବାଣଫୁଟାକୁ ନେଇ ମାରପିଟ, ୩ ଗିରଫ

ବିନିକା,୩୦।୧୦(ଡି.ଏନ୍.ଏ.):ଦୀପାବଳୀରେ ବାଣଫୁଟାକୁ କେନ୍ଦ୍ର କରି ବିନିକା ଥାନା ସିଲାଟି ଗ୍ରାମରେ ଦୁଇ ପରିବାର ମଧ୍ୟରେ ମାରପିଟ ଘଟିଛି। ଗତ ୨୭ତାରିଖ ସିଲାଟିର ହିମାଂଶୁ ସାହୁଙ୍କ ଘର ସାମ୍ନାରେ ପିଲାମାନେ ବାଣ ଫୁଟାଉଥିଲେ । ଏଥିରେ ଘର ପୋଡିଯିବ କହି ହିମାଂଶୁଙ୍କ ଘର ପଛପଟେ ରହୁଥିବା ବିଶ୍ୱାମିତ୍ର ସାହୁ ଏବଂ ତାଙ୍କ ନାତି ଦାରା ସିଂ ସାହୁ ବାଣ ଫୁଟାଇବାକୁ ମନା କରିଥିଲେ । ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଶେଷରେ ଦାରା ସିଂ ରାଗରେ ପଦ୍ମାଳୟା ସାହୁ ନାମ୍ନୀ ଜଣେ ମହଳାଙ୍କ ମୁଣ୍ଡକୁ ଏକ ଇଟା ପିଟି ଦେଇଥିଲେ। ଏହାକୁ ନେଇ ଦୁଇପକ୍ଷ ମଧ୍ୟରେ ମାରପିଟ ହୋଇଥିଲା। ହିମାଂଶୁଙ୍କ ପରିବାର ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ବିଶ୍ୱାମିତ୍ର ସାହୁଙ୍କ ଏତାଲା କ୍ରମେ ଅନ୍ୟ ଏକ ମାମଲା ରୁଜୁ କରିଥିଲା ପୋଲିସ । ହିମାଂଶୁ ସାହୁ, ବିଶ୍ୱାମିତ୍ର ସାହୁ ଓ ଦାରା ସିଂ ସାହୁଙ୍କୁ ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆଲୋଚନାଚକ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।

**ଲୋଇସିଂହା**
- ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ, ଭାଜପାର ଲୋଇସିଂହା ବସ୍ତି ପରିକ୍ରମା, ସକାଳ ୭।୩୦ ।

**ଅମରପାଲି**
- କାଳୀପୂଜା ଅବସରରେ ଚାଲିଥିବା ତ୍ରିପୁରାସୁର ରାଜର ଉଦ୍‌ଯାପନୀ, ବଡଖମାର, ସନ୍ଧ୍ୟା ୭ଟରେ ।

**ନୂଆପଡା**
- ଏନ୍‌ୱାଇକେର ରନ ଫର ୟୁନିଟି ଗଣ ଦୌଡ, ମିନିଷ୍ଟାଡିୟମ, ସକାଳ ୬।୪୫ ମିନିଟ ।
- ନୂଆପଡା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ମିନିଷ୍ଟାଡିୟମ, ପୂର୍ବାହ୍ନ ୧୦।୩୦ ।

**ବରଗଡ଼**
- ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ, ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ, ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ।
- ବ୍ୟଙ୍ଗକବି ସମ୍ମିଳନୀ, ସୌଖୀନ କଳାକାର ମଞ୍ଚ, ସନ୍ଧ୍ୟା ୭ଟା ।

**ଦେବଗଡ଼**
- ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା, କାଳୀପୂଜା ମଣ୍ଡପ, ବାରକୋଟ, ରାତି ୯ଟା ।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ରିଆମାଳ, ପୂର୍ବାହ୍ନ ୧୦ଟା ।

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଉଦ୍ୟମ ବିଫଳ

# ପୋଲିସ ଗାଡ଼ି ଧକ୍କାରେ ଲୁଟେରା ମୃତ

ଝାରସୁଗୁଡ଼ା ଅଫିସ/ଲଖନପୁର, ୩୦।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ବୁଡ଼ାସାହାଜ ଛକରେ ବୁଧବାର ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୨ ଲୁଟେରା ଲୁଟ୍ ଉଦ୍ୟମ କରିଥିଲେ । ଏଥିରେ ସଂପୃକ୍ତ କର୍ମଚାରୀ ଆହତ ହୋଇଥିଲେ ମଧ୍ୟ ଲୁଟ୍ ଉଦ୍ୟମ ବିଫଳ ହୋଇଥିଲା । ଏହାପରେ ୨ ଲୁଟେରା ଏକ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ସେମାନଙ୍କ ପିଛା କରିଥିଲା। ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରୁଥିବା ଲୁଟେରା ଦ୍ୱୟଙ୍କ ବାଇକ୍ ଶେଷରେ ପୋଲିସ ଜିପ୍ ସହିତ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଜଣେ ଲୁଟେରାଙ୍କ ମୃତ୍ୟୁ ଘଟିଛି । ତାଙ୍କ ସହଯୋଗୀ ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଲଖନପୁର ଥାନା ବୁଡ଼ାସାହାଜ ଛକରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଦେଖି ସମ୍ବଲପୁର ଜିଲା ରେଙ୍ଗାଲିର ଧର୍ମେନ୍ଦ୍ର ଖଡିଆ(୩୦) ଓ ବ୍ରଜରାଜନଗର ଲମ୍‌ଟିବାହାଲର ସ୍ୱପ୍ନ ରୋହିଦାସ (୨୭) ଲୁଟ୍ ଉଦ୍ୟମ କରିଥିଲେ। ହେଲେ ସେମାନେ ସେଥିରେ ବିଫଳ ହେବା ପରେ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରିଥିଲେ । ହେଲେ ଫାଇନାନ୍ସ କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ଲଖନପୁର ଥାନା ପୋଲିସ ବନହରପାଲି, ବେଲପାହାଡ ଥାନା ଓ ବନ୍ଧବାହାଲ ଫାଣ୍ଡି ପୋଲିସକୁ ଜଣାଇଥିଲା। ବିଭିନ୍ନ ଦିଗରୁ ପୋଲିସ କର୍ମଚାରୀମାନେ ଲୁଟେରାଦ୍ୱୟଙ୍କୁ ଘେରି ଯାଇଥିଲେ । କୌଣସି ଉପାୟ ନ ପାଇ ଲୁଟେରା ଦ୍ୱୟ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ କେରୁଆଲବାହାଲ ରାସ୍ତାରେ ପୋଲିସ ଜିପ୍ ସହିତ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ଏଥିରେ ୨ ଲୁଟେରା ଆହତ ହୋଇଥିଲେ । ପୋଲିସ ଉଭୟଙ୍କୁ ବେଲପାହାଡ଼ ଟାଟାକ୍ରୋସାକୀ ହସ୍‌ପିଟାଲ୍‌କୁ ନେଇଥିଲା। ସେଠାରେ ଡାକ୍ତର ଧର୍ମେନ୍ଦ୍ର ଖଡିଆଙ୍କୁ ମୃତ ଘୋଷଣ କରିଥିଲେ। ଆହତ ରୋହିଦାସଙ୍କ ଚିକିତ୍ସା ଜାରି ରହିଛି। ଧର୍ମେନ୍ଦ୍ରଙ୍କ ମୃତଦେହ ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ଏନେଇ ବନହରପାଲି ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଦୁର୍ଘଟଣାସ୍ଥଳରୁ ପୋଲିସ ଏକ ପଲ୍‌ସର ବାଇକ୍, ପିସ୍ତଲ, ଭୁଜାଲି, ଛୁରି ଆଦି ମାରଣାସ୍ତ୍ର ଜବତ କରିଛି। ପୋଲିସ ହାତରେ ଧରାପଡ଼ିଥିବା ଆହତ ଲୁଟେରା ସ୍ୱପ୍ନଙ୍କୁ ପୋଲିସ ଜେରା କରୁଛି। ଜେରାବେଳେ ଲୁଟେରା ଦ୍ୱୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜାଣିବାକୁ ପାଇଛି। ଏହିସବୁ ମାମଲାରେ ଜେଲ୍‌ରେ ସଜା ଖଟୁଥିବାବେଳେ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା। ପରେ ଜେଲ୍‌ରୁ ଉଭୟ ମୁକୁଳିଲା ପରେ ଲୁଟ୍ ପାଇଁ ଯୋଜନା କରିଥିଲେ। ରେଙ୍ଗାଲିରୁ ଧର୍ମେନ୍ଦ୍ର ଆସି ବୁଧବାର ସକାଳେ ବ୍ରଜରାଜନଗରରେ ପହଞ୍ଚିଥିଲେ। ପରେ ଉଭୟ ପ୍ରସ୍ତୁତ ହୋଇ ପଲ୍‌ସର ବାଇକ୍‌ରେ ମାରଣାସ୍ତ୍ର ଧରି ପଣ୍ଡରୀ ବୁଡ଼ାସାହାଜ ରାସ୍ତାରେ ଫାଇନାନ୍ସ କର୍ମଚାରୀଙ୍କ ନିକଟରୁ ଲୁଟ୍ ଉଦ୍ୟମ କରିଥିଲେ। ଏନେଇ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।


ଆହତ ଲୁଟେରା ସ୍ୱପ୍ନ ରୋହିଦାସ (ବାମ) । ପୋଲିସ ଜବତ କରିଥିବା ପିସ୍ତଲ, ବାଇକ୍ ।

- ସହଯୋଗୀ ଆହତ, ମାରଣାସ୍ତ୍ର ଜବତ
- ଉଭୟ ଲୁଟେରାଙ୍କ ନାଁରେ ରହିଛି ଏକାଧିକ ମାମଲା

# ବୁରୋଭାଡିରେ ସେକ୍ସ ର୍ୟାକେଟ୍ ଠାବ

- ଯୁବତୀ, ୩ ଯୁବକଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୩୦।୧୦

ବଲାଙ୍ଗୀର ଜିଲା ପୁଇଁତଲା ଥାନା ସାତମାଇଲ ନିକଟ ବୁରୋଭାଡି ଗାଁରେ ମଙ୍ଗଳବାର ରାତିରେ ଏକ ସେକ୍ସ ର୍ୟାକେଟ୍ ଠାବ କରାଯାଇଛି। ଏକ ଅର୍ଦ୍ଧନିର୍ମିତ ଘରେ ଏହି ସେକ୍ସ ର୍ୟାକେଟ୍ ଚାଲିଥିବା ଗାଁର କେତେଜଣ ଲୋକ ଜାଣିବା ପରେ ଚଢ଼ାଉ କରିଥିଲେ । ସେଠାରୁ ଜଣେ ଅପରିଚିତା ଯୁବତୀ ଓ ଅନ୍ୟ ୩ ଯୁବକଙ୍କୁ ସେମାନେ ଧରିଥିଲେ। ପରେ ସେମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେଇ ପୁଇଁତଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏ ସଂକ୍ରାନ୍ତରେ ବୁଧବାର ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ପୁଇଁତଲା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବୁରୋଭାଡି ଗାଁରୁ ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ତୁଲୁଣ୍ଡା ଗ୍ରାମର ମୁରାରୀ ମିଶ୍ର, ତରଭାର ଓସିଉର ରେହମାନ୍ ଓ ବୌଦ୍ଧ ଜିଲା ମନମୁଣ୍ଡାର ଗଦାପଦ୍ମ ଷାଣ୍ଢ। ୩ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉଦ୍ଧାର ଯୁବତୀଙ୍କୁ କୋର୍ଟରେ ହାଜର କରାଯାଇଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ବୁରୋଭାଡି ଗାଁରେ ଦୀର୍ଘଦିନରୁ ସେକ୍ସ କାରବାର ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିରେ ଅନେକ ଲୋକଙ୍କ ସମ୍ପୃକ୍ତ ଅଛନ୍ତି ଓ ସେମାନଙ୍କ ନାମ ପ୍ରଘଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏହି ଅଞ୍ଚଳରେ ସେକ୍ସ ର୍ୟାକେଟ୍ ଚଳାଇବାରେ ଏକ ବଡ ଗ୍ରୁପ୍ ସକ୍ରିୟ ଥିବା ଗ୍ରାମବାସୀ ପୋଲିସକୁ ସୂଚନା ଦେଇଛନ୍ତି । ଏଭଳି ଅସାମାଜିକ କାର୍ଯ୍ୟ ଯୋଗୁ ଏହି ଅଞ୍ଚଳରେ ଅଶାନ୍ତ ସହ ଅପରାଧ ବୃଦ୍ଧି ପାଉଛି ବୋଲି ଗ୍ରାମବାସୀ ପୋଲିସକୁ କହି ଏ ଦିଗରେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ।


ବୁରୋଭାଡି ସେକ୍ସ ର୍ୟାକେଟ୍‌ରେ ଧରାପଡିଥିବା ତିନି ଅଭିଯୁକ୍ତ ।

# ଭିମ୍‌ସାରରେ ୫-ଟି ଯୁଗ୍ମ ନିର୍ଦ୍ଦେଶକ

- ଆଇଏଏସ୍ ଅଫିସର ସୁରେଶ ମହାପାତ୍ରଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)କୁ ବୁଧବାର ୫-ଟି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପରେଶ ମିଶ୍ର ଓ ଫାଇନାନ୍ସ ବିଭାଗ ନିର୍ଦ୍ଦେଶକ ସୁବାସ ମହାରଣା ପରିଦର୍ଶନ କରିଛନ୍ତି। ଏମାନେ ସର୍ଜରୀ ବିଭାଗ ୱାର୍ଡ ବୁଲି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ମାଗଣାରେ ଔଷଧ ଦିଆଯାଉଛି କି ନାହିଁ ତାହା ସେମାନଙ୍କୁ ପଚାରି ବୁଝିଥିଲେ। ସେହିପରି ଖାଦ୍ୟର ମାନ ଠିକ୍ ରହୁଛି କି ନାହିଁ, ଡାକ୍ତର ଓ ନର୍ସମାନେ କିଭଳି ସେବା ଯୋଗାଉଛନ୍ତି ସେ ନେଇ ମଧ ପଚାରି ବୁଝିଥିଲେ। ହେଲେ ରୋଗୀମାନେ କୌଣସି ଅଭିଯୋଗ କରି ନ ଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାର ଆଇ.ଏସ୍ ଅଫିସର ସୁରେଶ ମହାପାତ୍ରଙ୍କୁ ଭିମ୍‌ସାର ପରିଚାଳନା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦେଇଛନ୍ତି। ସେ ଏହି ମେଡିକାଲର ସମସ୍ୟା ସମାଧାନ ଓ ଉନ୍ନତି ଦିଗରେ କାମ କରିବେ। ତେବେ ରାଜ୍ୟ ସରକାର ଏହାର ନିର୍ଦ୍ଦେଶକ ପଦ ୯ ମାସ ହେଲା ପୂରଣ କରି ପାରିନାହାନ୍ତି। ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ ଫେବୃୟାରୀରୁ ଇସ୍ତଫା ଦେବା ପରେ ଏଠାରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ । ହେଲେ ଜଣେ ଆଇ.ଏସ୍. ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ଦେବାକୁ ନେଇ ଏବେ ଚର୍ଚ୍ଚା ହେଉଛି । ଏଥିରୁ ସ୍ପଷ୍ଟ ହେଉଛି ଯେ, ଭିମ୍‌ସାର ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉ ନାହାନ୍ତି।

- ଦାଦନ ସମସ୍ୟାର ସମାଧାନ ପାଇଁ ଏନ୍‌ଏପିଏମ୍‌ର ରାଜ୍ୟ ସମ୍ମିଳନୀରେ ଆଲୋଚନା

# ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରାଯାଉ

ବଲାଙ୍ଗୀର ଅଫିସ, ୩୦।୧୦

ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ(ଏନ୍‌ଏପିଏମ୍)ର ରାଜ୍ୟ ସମ୍ମିଳନୀ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ପଶ୍ଚିମ ଓଡିଶା ସମେତ ରାଜ୍ୟର ଦାଦନ ଶ୍ରମିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଦାଦନ ଶ୍ରମିକଙ୍କ ଜଘନ୍ୟ ନିର୍ଯାତନା ଓ ମାନବିକ ଅଧିକାର ଉଲଂଘନ ଉପରେ ଅନେକ ଘଟଣା ସତ୍ତ୍ୱେ ସରକାର ଏହି ସମସ୍ୟାର ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ନେଉ ନ ଥିବାରୁ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ଦାଦନ ଶ୍ରମିକଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଶୋଷଣର ପ୍ରତିକାର ପାଇଁ ରାଜ୍ୟ ସରକାର ପଞ୍ଚାୟତସ୍ତରରୁ ବାହାର ରାଜ୍ୟର ବିଭିନ୍ନ ସ୍ଥାନ ପର୍ଯ୍ୟନ୍ତ ଦାଦନ ଶ୍ରମିକଙ୍କ ଉପସ୍ଥିତି, ସେମାନଙ୍କ ପାଇଁ ଆଇନ ମୁତାବକ ସମସ୍ତ ସାମାଜିକ-ଆର୍ଥିକ- ସୁରକ୍ଷା ଯୋଗାଇବା ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ରାଜ୍ୟ ସରକାର ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରି ଦାଦନ ଶ୍ରମିକ ସମସ୍ୟାର ସମାଧାନ କରନ୍ତୁ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା । ଚାଷୀନେତା ଲିଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗ୍ରୀନ୍ ନୋବେଲ ପୁରସ୍କାର ବିଜେତା ସାମାଜିକ କର୍ମୀ ତଥା ଏନ୍‌ଏପିଏମ୍ ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରା, ନିୟମଗିରି ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ, ସାମାଜିକ କର୍ମୀ ଅନନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତି, ଲୋୟର ସୁକ୍‌ତେଲ ସଂଗ୍ରାମୀ ପରିଷଦର ଉଦୟ ସିଂ ଠାକୁର, ପୋସ୍କୋ ଆନ୍ଦୋଳନର ମନୋରମା ଖଟୁଆ, ଅରୁଣ ଜେନା ଦାଦନ ଶ୍ରମିକ ସମସ୍ୟା ଓ ବିଭିନ୍ନ ଜନଆନ୍ଦୋଳନ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆସନ୍ତା ଦୁଇବର୍ଷ ପାଇଁ ରାଜ୍ୟର ଏନଏପିଏମ୍‌ର ନୂତନ ଆବାହକ ମଣ୍ଡଳୀ ସଦସ୍ୟ ନିର୍ବାଚିତ କରାଯାଇଥିଲା । ଲୋକଶକ୍ତି ଅଭିଯାନ, ପାୱାର ପ୍ଲାଣ୍ଟ ବିରୋଧୀ ମଞ୍ଚ, ଲୋୟର ସୁକ୍‌ତେଲ ସଂଗ୍ରାମ ପରିଷଦ, ଲୋୟର ଇନ୍ଦ୍ର ସହାୟତା ସମିତି, ଜିନ୍ଦାବାଦ ସଙ୍ଗଠନ, ପସ୍କୋ ବିରୋଧୀ ଆନ୍ଦୋଳନ, ବାଳିଆପାଳ ବନ୍ଦର ବିରୋଧୀ ଆନ୍ଦୋଳନ, ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ପ୍ରତିନିଧି ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ କରିଥିଲେ। ଦାଦନ ଶ୍ରମିକଙ୍କୁ ସାମାଜିକ, ଆର୍ଥିକ ସୁରକ୍ଷା ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା । କାମ ପାଉ ନ ଥିବା ଗ୍ରାମୀଣ ଶ୍ରମିକଙ୍କୁ ଗାଁରେ ଉଚିତ ପାରିଶ୍ରମିକ ଦେଇ କର୍ମଯୋଗାଣ ଯୋଜନା କରି ମାସକୁ ଅତି କମ୍‌ରେ୨୫ ଦିନ କାମ ଯୋଗାଇବାକୁ ସମ୍ମିଳନୀରେ ଦାବି କରାଯାଇଥିଲା । ଦାଦନ ଶ୍ରମିକମାନଙ୍କୁ ଶୋଷଣ କରୁଥିବା ଦଲାଲ ଓ ଠିକାଦାରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା । ୧୯୫୬ ରେଗୁଲେସନ ୨ର ସଂଶୋଧିତ ଆଇନ (୨୦୦୦) ଅନୁଯାୟୀ ବେଆଇନ ଭାବେ ହଡ଼ପ କରାଇଥିବା ଆଦିବାସୀଙ୍କ ଜମି ଫେରାଇ ଆଣିବାକୁ ବ୍ୟବସ୍ଥା ହୋଇଥିଲା । କିନ୍ତୁ ଏହି ଆଇନ କୌଣସି କାରଣ ନଥାଇ ହାଇକୋର୍ଟ ଗତ ଏପ୍ରିଲ ମାସରେ ରଦ୍ଦ କରିଦେଇଛନ୍ତି । ଓଡିଶା ସରକାର ଏହି ରାୟ ବିରୋଧରେ ସୁପ୍ରିମ କୋର୍ଟ ଯାଇନାହାନ୍ତି କିମ୍ବା ରାଜ୍ୟପାଳଙ୍କ ବିଶେଷ କ୍ଷମତା ବଳରେ ପୁନଃ ଆଇନ କରିବାକୁ ଏପର୍ଯ୍ୟନ୍ତ ସୁପାରିସ କରିନାହାନ୍ତି । ସରକାର ଆଦିବାସୀଙ୍କୁ ନ୍ୟାୟ ଦେବା ପାଇଁ ସେହି ଆଇନଙ୍କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବୈଧାନିକ ପଦକ୍ଷେପ ନିଅନ୍ତୁ ବୋଲି ବୈଠକରେ ଦାବି କରାଯାଇଥିଲା । ଏହା ସହିତ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ବିଶଦ୍ ଆଲୋଚନା ହୋଇଥିଲା । ଆସନ୍ତା ନଭେମ୍ବର ମାସ ୨୩, ୨୪ ଓ ୨୫ ତାରିଖରେ ଓଡିଶାରେ ପ୍ରଥମ ଥର ପାଇଁ ଏନ୍‌ଏପିଏମ୍‌ର ରାଷ୍ଟ୍ରୀୟ ସମ୍ମିଳନୀ ହେବାକୁ ଥିବାରୁ ଏହାକୁ ସଫଳ କରିବାକୁ ଏବେଠାରୁ ପଦକ୍ଷେପ ନେବାକୁ କୁହାଯାଇଥିଲା ।


ଏନ୍‌ଏପିଏମ୍‌ର ରାଜ୍ୟ ସମ୍ମିଳନୀରେ ଉପସ୍ଥିତ ସାମାଜିକ କର୍ମୀ ।

**ନଭେମ୍ବରରେ ପୁରୀରେ ହେବ ରାଷ୍ଟ୍ରୀୟ ସମ୍ମିଳନୀ**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ମହଲାକଟାରେ ଧନଲକ୍ଷ୍ମୀ ପୂଜା

ଭେଡ଼େନ, ୩୦।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ମହଲାକଟାରେ ଦୀପାବଳି ଠାରୁ ସାର୍ବଜନୀନ ଧନଲକ୍ଷ୍ମୀ ପୂଜା ଉତ୍ସବ ଆରମ୍ଭ ହୋଇଛି। ରବିବାର କଳସଯାତ୍ରା ପରେ ରାତ୍ରିରେ ପୂଜା ଆରମ୍ଭ ହୋଇଛି। ସୋମବାର ସ୍ଥାନୀୟ କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମଙ୍ଗଳବାର ଡ଼ଭଲା ଏବଂ ମୁଡ଼ୋମହୁଲର ସଂକୀର୍ତ୍ତନ ଓ ରାତିରେ ସଂକ୍ରୀଡ଼ାର ନାଟକ ପରିବେଷିତ ହୋଇଥିଲା। ଏଥିରେ ସୁକାନ୍ତ ମେହେର ଏବଂ ଯମୁନା ମେହେର କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ରାମକୃଷ୍ଣ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ ।

### ୫୪ ୟୁନିଟ ରକ୍ତ ସଂଗ୍ରହ

ପାଇକମାଳ, ୩୦।୧୦ (ଡି.ଏନ.ଏ) ପାଇକମାଳର ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ ଜଣ ରକ୍ତଦାନ କରିଛନ୍ତି। ପାଇକମାଳ ବିନ୍ଧ୍ୟବାସିନୀ ଯୁବ ରେଡକ୍ରସ, ଏନଏସଏସ ୟୁନିଟ, ମାରୱାଡି ଯୁବାମଞ୍ଚ, ଲାୟନ୍ସ କ୍ଲବ, ନୃସିଂହନାଥ ଆର୍ଯ୍ୟୁର୍ବେଦ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବିଡିଓ ସଦାଶିବ ନାୟକ ଉଦଘାଟନ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକ, ଡା. ଶ୍ରୀଧର ପ୍ରଧାନ, ପ୍ରଦୀପ କୁମାର ଦେୱାନ, ପ୍ରଦୀପ କୁମାର ସାହୁ, ଦେବରାଜ ସାହୁ, ମହାଦେବ ବେହେରା, ନୀଲେଶ ଅଗ୍ରୱାଲ, ସୁରଥ ସାହୁ, ନିତ୍ୟାନନ୍ଦ ଜେନା, ରଞ୍ଜିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ପଦ୍ମପୁର ରେଡକ୍ରସ ଶାଖାର ସଂଗ୍ରାମ କେଶରୀ ମହନ୍ତ ଓ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ ।

### ଗାୟତ୍ରୀ ମହାଯଜ୍ଞ କମିଟି ଗଠିତ

ଭଟଲି,୩୦।୧୦(ଡି.ଏନ.ଏ.) ଭଟଲି ବ୍ଲକ ହାତୀସର ପଞ୍ଚାୟତ ଅନ୍ତର୍ଗତ ଗ୍ରୀଣ୍ଡୋଲା ଗ୍ରାମରେ ଆସନ୍ତା ମାର୍ଚ୍ଚ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ଯଜ୍ଞ ସମ୍ପାଦନ ପାଇଁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବୁଧବାର ଏକ ସାଧାରଣ ବୈଠକ ହୋଇ ସର୍ବସମ୍ମତିକ୍ରମେ ଯଜ୍ଞ ପରିଚାଳନା କମିଟି ଗଠିତ ହୋଇଥିଲା। କମିଟିରେ ରଥି ସାହୁ ସଭାପତି ଟଙ୍କଧର ଭୁଏ ଉପସଭାପତି, ବୀରେନ୍ଦ୍ର ଭୁଏ ସମ୍ପାଦକ, ନାରାୟଣ ମିଶ୍ର ସହ ସମ୍ପାଦକ, ସଞ୍ଜୀବ ପଣ୍ଡା ଏବଂ ପ୍ରମୋଦ ସାହୁ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ବ୍ୟବସ୍ଥାପକ ଭାବେ ସୁରେଶ ମହାପାତ୍ରଙ୍କ ସମେତ କମିଟିରେ ଗଜରାଜ ଭୁଏ, ଅମୃତ ଦୁଆନ, ପ୍ରଫୁଲ୍ଲ କୁମାର ଦାସ, କିଶୋର ଦୁଆନ, ରତ୍ନାକର ଭୁଏ, ସାନନ୍ଦ ମାଝୀ, ଜଗନ୍ନାଥ ଭୁଏ, ଯଦୁ ସାହୁ, ମନୋଜ ସାହୁ, ଶିବ ଭୁଏ ପ୍ରମୁଖଙ୍କୁ ଅବସ୍ଥାପିତ କରାଗଲା । ଯଜ୍ଞ ପରିଚାଳନା ଓ କାର୍ଯ୍ୟକ୍ରମ ଉପରେ ଏକ ବିଶେଷ ପ୍ରଶିକ୍ଷଣ ଶିବିର ଡିସେମ୍ବର ୬ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

### ପପଙ୍ଗାରେ ଗିରି ଗୋବର୍ଦ୍ଧନ ପୂଜା

ଭେଡ଼େନ, ୩୦।୧୦(ଡ଼ି.ଏନ.ଏ) ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ପପଙ୍ଗା ପାହାଡ଼ ପାଦଦେଶରେ ସୋମବାର ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ କୃଷ୍ଣଚନ୍ଦ୍ର କୁଶଲିଆ ଏବଂ ପୂର୍ଣ୍ଣିମା କୁଶଲିଆ କର୍ତ୍ତା ଏବଂ ପ୍ରମୋଦ କୁମାର ପଣ୍ଡା ପୂଜକ ଦାୟିତ୍ୱ ସମ୍ପାଦନ କରିଥିଲେ। କୁବେଡ଼େଗା ଏବଂ ବାଘପାଲିର ମହିଳା ଉଦଣ୍ଡ କୀର୍ତ୍ତନ ପରିବେଷିତ ହୋଇଥିଲା।

# କାଳୀପୂଜା ଜୁଗାରଯାତ୍ରା ସମ୍ପନ୍ନ

**ଘେଁସ/ସୋହେଲା, ୩୦।୧୦(ଡି.ଏନ.ଏ)**

ସଦଭାବନା, ଭାଇଚାରା ଏବଂ ଏକତାର ବାର୍ତ୍ତା ପ୍ରେରଣ କରୁଥିବା ବରଗଡ ଜିଲା ସୋହେଲା ବ୍ଲକ ଝର ଗ୍ରାମର ୨୩ତମ କାଳୀପୂଜା ଯୁଗାର ଯାତ୍ରା ସମ୍ପନ୍ନ ହୋଇଛି। ପଣ୍ଡିତ ସିଦ୍ଧେଶ୍ୱର ସାବତଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ହୋଇଥିବା ବେଳେ ବିହାରୀ ସରାଫ ଏବଂ ତାଙ୍କ ସ୍ତ୍ରୀ ତନୁଜା ସରାଫ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଧବାର ଅପରାହ୍ନରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ମାନସିକ ଜୁଗାର ଏକତ୍ରିତ ହୋଇ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ମାଁ କାଳୀଙ୍କ ପାଖରେ ଲାଗି ହୋଇଥିଲା । ଚଳିତ ବର୍ଷ ୨୦୦ରୁ ଊର୍ଦ୍ଧ୍ୱ ମାନସିକ ଯୁଗାର ସ୍ଥାନ ପାଇଥିଲା । ପାରମ୍ପରିକ କଲଙ୍ଗୀନାଚ, ନମଃଗୁରୁ, ଘଣ୍ଟବାଦ୍ୟ, ଦୁଲଦୁଲି, ଗୌରବାଡି ଆଦି ବହୁ ପ୍ରକାର ଲୁପ୍ତପ୍ରାୟ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ଯୁଗାର ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ରଫିକ ମହମ୍ମଦ, ଭାଜପା ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଯୁବନେତା ସୁବ୍ରତ ସିଂ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟି ସଭାପତି କୈଳାସ ମେହେର, ସମ୍ପାଦକ କମଳାକାନ୍ତ ଥପା, କୋଷାଧ୍ୟକ୍ଷ ଶେଷ ମୋହନ ଦେବତାଙ୍କ ସହ ପୂଜା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।



ଝର ଗ୍ରାମରେ ଜୁଗାର ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

■ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଯୋଗଦାନ

**ବରପାଲି, ୩୦।୧୦ (ଡି.ଏନ.ଏ)**

ବରପାଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୧୯ ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ କ୍ଲଷ୍ଟରରୁ ଆସିଥିବା ପ୍ରାୟ ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦ୍ରଶେଖର ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଟଙ୍କଧର ଛତ୍ରିଆ ଓ ବୈଷୟିକ ପରାମର୍ଶଦାତା ମମତାରାଣୀ ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏବିଇଓ ଦିଲୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଠାକୁର ଆତିଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସିଆରସିସି, ବିଆରସିସି, ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଦେକୁଲବା ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ



ଗିରି ଗୋବର୍ଦ୍ଧନ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

**ଭେଡ଼େନ, ୩୦।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ପର୍ଯ୍ୟଟନ ପୀଠ ଦେକୁଲବାସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ଦୁଇଦିନ ଧରି ଚାଲିଥିବା ଷଷ୍ଠ ଗିରି ଗୋବର୍ଦ୍ଧନ ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଛି । ଦଳଗଞ୍ଜନ ଲୋକ ମଣ୍ଡପରେ ମହୋତ୍ସବ ସମିତି ଅଧକ୍ଷା ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, ଓଟିଡ଼ିସି ଅଧକ୍ଷା ଶ୍ରୀମୟୀ ମିଶ୍ର, ଅତାବିରା ଏନଏସି ଅଧକ୍ଷା ଦୀପାଞ୍ଜଳି ଭରାସାଗର, ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ, ଭେଡେନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା, କଳାକାର ସଂଘ ସଭାପତି ସାଗର ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ଗୁଣମଣି କର୍ମି, ପର୍ବତାରୋହୀ ଲିପିକା ସେଠ, ସଫଳ ଚାଷୀ ସେତୁବନ୍ଧ ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ସମେତ ଅଞ୍ଚଳର ବହୁ ସାଂସ୍କୃତିକ ଦଳ ତାଙ୍କର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଢ଼ୋଲ ନିଶାନର ଶବ୍ଦରେ ଦଳଗଞ୍ଜନ ଲୋକମଣ୍ଡପ ଦୁଲୁକି ଉଠିଥିଲା। ଏହାପୂର୍ବରୁ ହୋଇଥିବା ହାସ୍ୟକବି ସମ୍ମିଳନୀରେ ନୀତିଶ ଆଚାର୍ଯ୍ୟ ଏବଂ ସାଥୀ ବ୍ୟଙ୍ଗ କବିତା ପାଠ କରିଥିଲେ। ଶେଷରେ ହରିଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ସୋମବାର ହୋଇଥିବା ଉଦଘାଟନୀ ଉତ୍ସବରେ ବିଜେପୁର ବିଧାୟିକା ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ବିଡ଼ିଓ ମୁରଲିଧର ନାୟକ, ଥାନାଧିକାରୀ ହେମନ୍ତ ରାଓ, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

### ଗାଇସିଲେଟ ଲକ୍ଷ୍ମୀପୂଜା ସମ୍ପନ୍ନ

**ଗାଇସିଲେଟ,୩୦।୧୦ (ଡି.ଏନ.ଏ)**

ଗାଇସିଲେଟରେ ମହାଲକ୍ଷୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଗାଇସିଲେଟ ବଣିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡ ଦୁର୍ଗା ପୂଜା ମଣ୍ଡପରେ ଚଳିତ ବର୍ଷ ନରେଶ କୁମାର ପାଣିଗ୍ରାହୀ ଓ ସ୍ତ୍ରୀ ସ୍ୱାଗତିକା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ ଶିବାକର ପାଣି ଓ ପଣ୍ଡିତ ସିଦ୍ଧାର୍ଥ କୁମାର ପଣ୍ଡା ପୂଜକ ଥିଲେ । ମନୋରଞ୍ଜନ ପାଇଁ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା। ମଙ୍ଗଳବାର ଭସାଣି ଶୋଭାଯାତ୍ରା ହୋଇଥିଲା। ସେହିପରି କଲଙ୍ଗାପାଲି ଶହୀଦ ଛକରେ ମହାଲକ୍ଷୀ ପୂଜା ଅନୁଷ୍ଠିତ ହୋଇଛି । ଏହି ପୂଜନୋତ୍ସବରେ ଗ୍ରାମର ଶିଶିର କୁମାର ଦାଶ ଓ ତାଙ୍କ ସ୍ତ୍ରୀ ମମତା ଦାଶ କର୍ତ୍ତା ଏବଂ ପଣ୍ଡିତ ସୁଦାମ ଚରଣ ପୁରୋହିତ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ମନୋରଞ୍ଜନ ସକାଶେ ଅପେରା ଓ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା ।

### ସୁନେତ୍ରର ଚଷମା ବଣ୍ଟନ

**ପାଇକମାଳ, ୩୦।୧୦ (ଡି.ଏନ.ଏ)**

ପାଇକମାଳ ହାଇସ୍କୁଲ ପରିସରରେ ବୁଧବାର ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଅଧକ୍ଷ ଅଲତାବ ମହମ୍ମଦ ମୁଖ୍ୟଅତିଥି, ବିଡିଓ ସଦାଶିବ ନାୟକ, ବିଇଓ ଚୂଡ଼ାମଣି ବାରିକ, ସରପଞ୍ଚ ଧବଳେଶ୍ୱର ସାହୁ, ପ୍ରଧାନଶିକ୍ଷକ ଚାରୁଚରଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ନାରାୟଣ ପସାୟତ, ବିପିଏମ ବିଜୟ ସରାଫ, ପିଏଚଇଓ ତୁଷ କୁମାର ଚନ୍ଦ୍ରକାର ତଥା ଓଏ କୋଶଳ ନାଏକ, ସରୋଜ ସେଠ ସହଯୋଗ କରିଥିଲେ । ଚନ୍ଦ୍ରକାର ଧନ୍ୟବାଦ ଅର୍ପଣ କରିଥିଲେ ।

# ନୃସିଂହନାଥରୁ ଶ୍ରୀକ୍ଷେତ୍ର ଗଡ଼ିବ ସରକାରୀ ବସ୍



ପରିବହନ ମନ୍ତ୍ରୀ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିଦର୍ଶନ କରୁଛନ୍ତି ।

**ବରଗଡ଼ ଅଫିସ୍,୩୦।୧୦**

ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବୁଧବାର ପୂର୍ବାହ୍ନରେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିଦର୍ଶନ କରିଥିଲେ । ପରିଦର୍ଶନ କାଳରେ ମନ୍ତ୍ରୀ ବେହେରା ବସଷ୍ଟାଣ୍ଡର ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେହିପରି ବସଷ୍ଟାଣ୍ଡ ଜବରଦଖଲ, କାର୍ଯ୍ୟକ୍ଷମ ନ ଥିବା ଶୌଚାଳୟ, ମହିଳା ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ, ଡ୍ରେନେଜ ବ୍ୟବସ୍ଥା ଉପରେ ସ୍ଥାନୀୟ ଲୋକେ ମନ୍ତ୍ରୀ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ସେହିପରି ନୃସିଂହନାଥରୁ ଭାୟା ବରଗଡ଼ ଦେଇ ଶ୍ରୀକ୍ଷେତ୍ର(ପୁରୀ)କୁ ଏକ ସରକାରୀ ବସ ଚଳାଚଳ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଏଟିଏମ ବିଭୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସୁରଭି ବଳିଷ୍ଠ ମାଧ୍ୟମ

**ବିଜେପୁର, ୩୦।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ଖନ୍ଦା ଉଚ୍ଚ ପ୍ରାଥମିକ ସ୍କୁଲରେ ଲାଉମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଚେୟାରମ୍ୟାନ ଜନ୍ମ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ତପସ୍ୱିନୀ ପଧାନ, ରମେଶ ଶତପଥି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହା ଏକ ବଳିଷ୍ଠ ମାଧ୍ୟମ । ଏ ଦିଗରେ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସିଆରସିସି ସୁଦାମ ସେଠ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜଗଜୀବନରାମ ଡନସନା ସଭା ସଂଯୋଜନା କରିଥିଲେ । ରାମ ପ୍ରସାଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୋଭାଯାତ୍ରାରେ ମିତବ୍ୟୟ ସଚେତନତା





ବରଗଡ଼ରେ ବିଶ୍ୱ ମିତବ୍ୟୟିତା ଦିବସରେ ଶୋଭାଯାତ୍ରା ।

**ବରଗଡ଼ ଅଫିସ୍,୩୦।୧୦**

ବରଗଡ଼ ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ତଥା ସ୍ୱଳ୍ପ ସଞ୍ଚୟ ସଙ୍ଗଠନ ଆନୁକୂଲ୍ୟରେ ବୁଧବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜର୍ଜ ହାଇସ୍କୁଲର ଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରାକୁ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ଉଦଘାଟନ କରିଥିଲେ । ଜିଲା ସ୍ୱଳ୍ପ ସଞ୍ଚୟ ତଥା ଆର୍ଥିକ ଅନ୍ତର୍ଭୁକ୍ତି ଅଧିକାରୀ ନୀଳାଞ୍ଚଳ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଡଃ ଡୋଲାମଣି ଶତପଥୀ, ଅମୃତଲାଲ ବେହେରା, ସ୍ୱାତିଶ୍ରୀ ପ୍ରଧାନ, ଜନକ କୁମାର ଅଗ୍ରୱାଲ, ଗୋକୁଳାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବିସିଏ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୩୦।୧୦**



ଖୁସି ରଟେରିଆ | ଅଞ୍ଜଳି ଝା | ଟି. ମଞ୍ଜୁଳା ରେଡ୍ଡି | ନିକିତା ମେହେର | ଆଜାଦ କୁମାର ଭୋଇ | ଟିକେଶ୍ୱରୀ ବେହେରା

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୮–୧୯ ଶିକ୍ଷାବର୍ଷ ପାଇଁ ବିସିଏ ଦ୍ୱିତୀୟବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ବିସିଏ ଛାତ୍ରୀଛାତ୍ରମାନେ ବିଶେଷ କୃତିତ୍ୱ ଅର୍ଜନ କରିଛନ୍ତି । ଟିକେଶ୍ୱରୀ ବେହେରା ୮୯, ଟି.ମଞ୍ଜୁଳା ରେଡ୍ଡି ୮୮.୬୮, ଖୁସି ରଟେରିଆ ୮୬.୫୬ ପ୍ରତିଶତ ମାର୍କ ରଖିଛନ୍ତି । ସେହିପରି ଅଞ୍ଜଳୀ ଝା ୮୬.୪୫, ଲୋପାମୁଦ୍ରା ଦାସ ୮୫.୬୭. ଯଯାତି କୁମାର ଦାଶ ୮୪.୩୩, ନିକିତା ମେହେର ୮୩.୮୯, ଆଜାଦ କୁମାର ଭୋଇ ୮୦.୬୮ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୮ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୧୩ଜଣ ୭୦ରୁ ୭୯ ପ୍ରତିଶତ ଏବଂ ୫ଜଣ ୬୦ରୁ ୬୯ ପ୍ରତିଶତ ମଧ୍ୟରେ ମାର୍କ ରଖିଛନ୍ତି ବୋଲି ଅନୁଷ୍ଠାନର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି । ଏଭଳି ସଫଳତାରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି । ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟରେ ବିବିଏ ଓ ବିସିଏ ପାଠ୍ୟକ୍ରମରେ ଗୁଣାତ୍ମକ ମାନର ଶିକ୍ଷାଦାନ ହିଁ ସଫଳତାର କାରଣ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ପ୍ରକାଶ କରିଛନ୍ତି । ସେହିପରି ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ସମସ୍ତ ଅଭିଭାବକ ତଥା ସଫଳ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା କରିବା ସହିତ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ସାଧୁବାଦ ଜଣାଇଛନ୍ତି। ଉକ୍ତ ସଫଳତାରେ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଏଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ କମିଶନର

**ବରଗଡ଼ ଅଫିସ୍,୩୦।୧୦**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ କମିଶନର ଆର. ରଘୁପ୍ରସାଦ ବୁଧବାର ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ମମତା, ମିଶନ ଶକ୍ତି, ବିଜୁ ପକ୍କାଘର, ଉଠାଜଳସେଚନ, ନିରାମୟ, ନିର୍ମାଣ ଶ୍ରମିକ ଯୋଜନା, ପାନୀୟଜଳ, ଗ୍ରାମ୍ୟ ବିଦ୍ୟୁତୀକରଣ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା, ଜିଲା ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କମିଶନର ରଘୁପ୍ରସାଦ ସମ୍ପୃକ୍ତ ବିଭାଗ ଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ବରଗଡ଼ ଉପଜିଲାପାଳ ପ୍ରଭାସ କୁମାର ଡନସନା, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ସେ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହିତ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ସେହିପରି ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ଓ ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ ।

# ବରାହମୁଣ୍ଡା ସ୍କୁଲରେ ସୁରଭି କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩୦।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବରାହମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜହ୍ନାପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରମେଶ ପ୍ରଧାନ, ଜହ୍ନାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବାଜୀ ବିଶି ଏବଂ ଭିଏସଏସ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦଲାଲ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ସିଆରସିସି ସୁରେନ୍ଦ୍ର ଭୋସାଗର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଦ୍ଧବ ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରାହମୁଣ୍ଡା ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କାଲୋ, ପ୍ରେମାନନ୍ଦ ସାହୁ, ରୁବି ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ତ୍ତିକ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।



ଶିକ୍ଷକ, ଛାତ୍ରୀମାନେ ଅତିଥିଙ୍କୁ ସୁରଭି କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛନ୍ତି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକାଙ୍କ ଆତ୍ମହତ୍ୟା ଉଦ୍ୟମ : ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ବଲାଙ୍ଗୀର ଅଫିସ,୩୦।୧୦:** ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା ମନୀଷା ମଡୁଆଳ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ଭଡାଘରୁ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ବଦଳିକୁ ନେଇ ସେ ଚିନ୍ତିତ ଥିଲେ ଓ ଏହା ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ତାଙ୍କ ବଦଳି ବାଲେଶ୍ୱର ହୋଇଥିବା ଜଣାପଡିଛି।

ଆଜି କ'ଣ କେଉଁଠି
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବଲାଙ୍ଗୀର ସମବାୟ ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିକଲା କର୍ମଚାରୀ ମହାସଂଘ

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମାକାରୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବୁଧବାର ସନ୍ଧ୍ୟାରେ ମହାସଂଘ ସଭାପତି ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜମାକାରୀଙ୍କ ଆକାଉଣ୍ଟରୁ ଅର୍ଥ ଆତ୍ମସାତ୍ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ଅର୍ଥ ଆତ୍ମସାତ୍ ଘଟଣାରେ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେଉଥିବାରୁ ଏନେଇ ମହାସଂଘ ଆଭିମୁଖ୍ୟ ସ୍ପଷ୍ଟ କରିଛି। ଅର୍ଥ ଆତ୍ମସାତ୍ ଘଟଣାରେ ଯେ କେହିବି ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି।

ମହାସଂଘ ସଭାପତି ନାୟକ କହିଥିଲେ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ଶାଖାରେ କାର୍ଯ୍ୟରତ ଜଣେ ଅସ୍ଥାୟୀ କର୍ମଚାରୀ ଅର୍ଥ ଆତ୍ମସାତ୍ ଘଟଣାରେ ସମ୍ପୃକ୍ତ ଥିବା ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। ଏନେଇ ମହାସଂଘ ପକ୍ଷରୁ ବଲାଙ୍ଗୀର ଏସ୍‌ପିଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। କର୍ମଚାରୀ ଜଣକ ବ୍ୟାଙ୍କର ୧୨ଜଣ ଜମାକାରୀଙ୍କ ଏଟିଏମ୍ କାର୍ଡ, ଏଟିଏମ୍ ପିନ୍ ନେଇ ଅର୍ଥ ଆତ୍ମସାତ୍ କରିଥିବା ନେଇ ବ୍ୟାଙ୍କ ପକ୍ଷରୁ ଟାଉନ୍ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ପରେ ଏସ୍‌ପି ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୨ ଜମାକାରୀଙ୍କ ଆକାଉଣ୍ଟରୁ ୮ଲକ୍ଷ ୬୪ ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ସୂଚନା ଦିଆଯାଇଛି। ଏପରି କି ୧୩ଟି ଏଫ୍‌ଡି ଟଙ୍କା ମଧ ହଡପ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି। ତେବେ ଅର୍ଥ ଆତ୍ମସାତ୍ ଘଟଣାରେ ଅନ୍ୟ କର୍ମଚାରୀ ସମ୍ପୃକ୍ତ ଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏକାକୀ ଜଣେ ବ୍ୟକ୍ତି ଜମାକାରୀଙ୍କ ଆକାଉଣ୍ଟରୁ ଅର୍ଥ ଲୁଟ୍ କରିବା ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ଜୋର ଧରିଛି। ଏଭଳି ଚର୍ଚ୍ଚା ଆରମ୍ଭ ହେବା ପରେ ଜମାକାରୀମାନେ ଭୟଭୀତ ହୋଇ ବ୍ୟାଙ୍କରୁ ଜମା ଟଙ୍କା ଉଠାଇ ନେବାକୁ ଚାହୁଁଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ଜମାକାରୀମାନେ ଆଦୌ ଭୟଭୀତ ହେବା ଉଚିତ୍ ନୁହେଁ କହିବା ସହ ବ୍ୟାଙ୍କରେ ସେମାନଙ୍କ ଟଙ୍କା ସୁରକ୍ଷିତ ଅଛି ବୋଲି ସୂଚନା ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ମହାସଂଘର ଜୟନ୍ତ ମହାନ୍ତି, ସୁଧୀର ନନ୍ଦ, ବାଙ୍କାନିଧି ରାୟଗୁରୁ, ଜ୍ୟୋତି ରଞ୍ଜନ ପଟେଲ, ଜ୍ୟୋତି ପଧାନ, ଶେଷକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

- ୧୨ ଜମାକାରୀଙ୍କ ୮ ଲକ୍ଷ ୬୪ ହଜାର ଟଙ୍କା ଲୁଟ୍ ଅଭିଯୋଗ
- ଅର୍ଥ ଆତ୍ମସାତ୍‌ରେ ସମବାୟ ବ୍ୟାଙ୍କ ଅସ୍ଥାୟୀ କର୍ମଚାରୀ ସମ୍ପୃକ୍ତ
- ଜମାକାରୀଙ୍କ ଟଙ୍କା ସୁରକ୍ଷିତ: ମହାସଂଘ



ବିଜ୍ଞାନମେଳାରେ

### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

**ଖପ୍ରାଖୋଲ,୩୦।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୋଟ ୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ଟି ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଥିଲା। ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘୁନସର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଜତ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରତି ଆଗ୍ରହୀ ହେଲେ ନୂତନ ଜ୍ଞାନ କୌଶଳ ଉଦ୍‌ଭାବନ ହୋଇପାରିବ ବୋଲି କହିଥିଲେ। ବିଚାରକ ଭାବେ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ବିଣାପାଣି ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌର ମାଝି, ଉସତ ଗଡତିଆ, ରଥ ଗୁରୁ, କାହ୍ନୁଚରଣ ସାହୁ, ଝରଣା କର, ଡୋଳାମଣି ପଧାନ, ଦୁର୍ଯ୍ୟୋଧନ ସାହୁ, ଅଲେଖ ସ୍ୱାଇଁ, କୃଷ୍ଣଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି,୩୦।୧୦(ଡି.ଏନ.ଏ.)**

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

କଣ୍ଟାବାଞ୍ଜି ଥାନା ଅଧୀନ ଖଗସା ପଞ୍ଚାୟତ ଅନ୍ତର୍ଗତ ସାଲେପଡ଼ା ଗାଁ ପେଣ୍ଡ୍ରାଗଡେନ ମନ୍ଦିର ନିକଟ ଏକ କୂଅରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ବୁଧବାର ଉଦ୍ଧାର କରିଛି। ସେ ହେଲେ ସେମଲା ଗାଁର ଭୁଜବଳ ପରାଭୁଏ (୬୫)।

ସୂଚନାନୁଯାୟୀ ଦିପାବଳୀ ଅବସରରେ ପେଣ୍ଡ୍ରାଗଡେନ ଦେବୀଙ୍କ ଯାତ୍ରା ହୋଇଥିଲା। ଏନେଇ ମନ୍ଦିର ପକ୍ଷରୁ ଭୁଜବଳଙ୍କୁ ପୂଜାର୍ଚ୍ଚନା କରିବାକୁ ଡକାଯାଇଥିଲା। ଏନେଇ ଭୁଜବଳ ମନ୍ଦିରକୁ ଯାଇ ଯାତ୍ରାରେ ସାମିଲ ହୋଇଥିଲେ। ହେଲେ ମଙ୍ଗଳବାର ରାତିରେ ମନ୍ଦିର ପରିସରରେ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ସେତିକିବେଳେ କୌଣସି କାରଣକୁ ନେଇ କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହୋଇଥିଲା। ଏଭଳି ପରିସ୍ଥିତିରେ ଭୁଜବଳ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ବୁଧବାର ସକାଳେ ତାଙ୍କୁ ଖୋଜାଖୋଜି କରିବା ପରେ ମନ୍ଦିର ପାଖ କୂଅରେ ଭୁଜବଳଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ କଣ୍ଟାବାଞ୍ଜି ଥାନାକୁ ଜଣାଇଥିଲେ। ଖବର ପାଇ କଣ୍ଟାବାଞ୍ଜି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ପଠାଇଥିଲା। ମୃତଦେହ ଡାକ୍ତରଖାନାରେ ପହଞ୍ଚିବା ପରେ ଭୁଜବଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଲୋକଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହୋଇଥିଲା। କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟା ନନ୍ଦ କରକରା, ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲ ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଭୁଜବଳଙ୍କ ପୁଅ ଗିରିଧାରି ପରାଭୁଏ ଏବଂ ଝିଅ ଟିକେମନି ବାପାଙ୍କୁ କେହି ହତ୍ୟା କରି କୂଅରେ ପିଙ୍ଗି ଦେଇଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୫୪/୧୯)ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ଦାଉସାଧିଲା ଲଘୁଚାପ ବରଷା

## ସିମେଟ୍ ପାଲ ତଲେ ପରିବାର

**ଲୋଇସିଂହା, ୩୦।୧୦(ଡି.ଏନ୍.ଏ.)**

ଦିନାକେତେ ତଲେ ହେଇଥିବାର ଲଘୁଚାପ ବରଷାରେ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗାଁର ଗିରିଶଙ୍କର ଗେଜୋକଁର ଘରର କାଁଥି ଭାଂଗି ଯାଇଛେ। ଭଂଗା କାଁଥି ଜାଗାରେ ସିମେଟ୍ ପାଲ ଢାପି ୪ ପରାନୀ କୁଟୁମ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍।

ସୂଚନା ହିସାବେ ତରଭା ବ୍ଲକ ରାଣୀସର୍ଡା ପଁଚେତ୍ ଅଧୀନ କୁମୁଣ୍ଡେ ଗାଁ। ଇ ଗାଁର ସ୍ୱର୍ଗତ ଅକ୍ଷୟ ଗେଜୋକଁର ୪ ପୁଓ ଭିତରୁ ଗରିଶଙ୍କର ତୁରତୀଅ ପୁଓ। ମାଏକିନା ସାଧବି, ପୁଓ ଦେବରାଜ ଆର ଝିଁ' ପ୍ରିୟାଂଶିକୁଁ ନେଇ ସଁସାର। ଗିରିଶଙ୍କର କୁଲିମଜୁରି କରି ତାକର ତେଲ୍‌ନୁନ୍ ସଁସାର ଚଲଉଛନ୍। ଏନ୍‌ତାଥି ଗଲା ଗୁରୁବାର ରାତି ହେଇଥିବାର ଲଘୁଚାପ ବରଷାରେ ତାକର ଘରର ପଛ୍ ଫାଲ ଆର ଭୁଜ୍‌ନି ଫାଲର ମାଏଟ୍ କାଁଥି ଭାଂଗି ଯାଇଛେ। କାଁଥି ଭାଂଗବାର ଆଭାସ ପାଇ କୁଟୁମବସିଆ ତରକି ଯାଇଥିଲେ। ଯେନ୍‌ଥିରଲାଗି ଗୁଟେ ବଡ଼ ଅଘଟନରୁ କୁଟୁମଟା ବରତି ଯାଇଛନ୍। ଗରିଶଙ୍କରକଁର ଥିତି ଭଲ ନାଇଁ। ନୂତନ୍ ଘରଟେ ତିଆରିବା ତାକର ପକ୍ଷେ ସମ୍‌ଭବ ନୁହେ ବଲି ଗାଁର ନରେନ୍ଦ୍ର ପଧାନ, ପିପୁନ ମହାକୁର ଆର ନବୀନ ପଣ୍ଡା କହିଛନ୍। ଗାଁର ଅନେକ୍ ଅଲାଏକ୍ ଲୁକ୍‌କୁ ସରକାରୀ ଯୋଜନାରେ ଘର ମିଲୁଥିଲାବେଲେ ହକ୍‌ଦାର ହିତାଧିକାରୀ ତଲି ପଡ଼ବାର ନିହାତି ଦୁଖର କଥା ବଲି ସେମାନେ କହିଛନ୍। ଇ ଦୁଖି ପରିବାରକେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ନିଜର ଭଂଗା ଘରଆଘେ ଛୁଆପିଲାକର ସଂଗେ ଗରିଶଙ୍କର।

### ଷୋହଳ ପ୍ରହର ନାମଯଜ୍ଞ

**ଟିକ୍ରାପଡ଼ା/ମୁରିବାହାଲ, ୩୦।୧୦ (ଡି.ଏନ୍.ଏ.)**

ସଇଁତଳା ବ୍ଲକ କରମତଲାଠାରେ ୧୨ଟି ଗ୍ରାମର ଯାଦବ ସମାଜ ଆନୁକୂଲ୍ୟରେ ଷୋହଳ ପ୍ରହର ନାମ ଯଜ୍ଞ ବୁଧବାର ସମ୍ପନ୍ନ ହୋଇଯାଇଛି। ବିଜୟ ବିଶି, ପିତବାସ ମହାକୁର, ଗୌନ୍ତିଆ ରାଜକିଶୋର ସିଂ ବୁଡେକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଡମ୍ବରୁ ଶତପଥୀ, ଦୁର୍ଗା ଶର୍ମା, ଗୋବିନ୍ଦ ଶତପଥୀ, ସୁଦାମ ଶତପଥୀ ପୂଜା ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ତ୍ରୀ ଟୁକୁନି ସାହୁ, ପଶ୍ଚିମ ଓଡ଼ିଶା ଯାଦବ ବିକାଶ ପରିଷଦ ସଂଯୋଜକ ବଳରାମ ସିଂ ଯାଦବ, ଅକ୍ଷୟ ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହଳିଆ ଗୀତ, ବାଡି ଖେଳ, ହୁଲହୁଲି, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଦେବ ବଗର୍ତ୍ତୀ, ନରୋତ୍ତମ ବଗର୍ତ୍ତୀ, ରଶ୍ମିରାନ ବାଗ ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ

## ରାଷ୍ଟ୍ରୀୟ ଭାବ୍ ମାନବିକତାର ଅସଲ ପରିଚଏ

**ଲାଠୋର, ୩୦।୧୦(ଡି.ଏନ.ଏ.)**

ଜାତି ଭିନ୍ ଭିନ୍ ମୁନୁଷ୍ ଏକା। ଭାଷା ଭିନ୍ ଭିନ୍ ସାହିତିଅ ଗୁଟେ। ରାଷ୍ଟ୍ରୀୟ ଭାବ୍ ହେଉଛେ ମାନବିକତାର ଅସଲ ପରିଚଏ। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଜାମଚୁଆଁନେ ଅନୁଷ୍ଠିତ ଝରିଆ ଯାଦବ ସମାଜର ଗରିଗୋବର୍ଦ୍ଧନ ପୂଜାର ଉଦ୍‌ଯାପନୀ ଉଛବ୍‌ରେ ମୁଖିଆ ବକ୍ତା ହିସାବେ ଯୋଗଦେଇ ପଦ୍ମଶ୍ରୀ ଡ.ହଲଧର ନାଗ୍ ଇ କଥା କହିଛନ୍। ଏନ୍‌ତା କି ସେ ଯାଦବମାନେ ଝରିଆ ଯାଦବ ଲେଖିବାର ଜାଗାରେ ଖାଲି ଯାଦବ ସମାଜ ଲେଖିବାକେ ପରାମଶ ଦେଇଥିଲେ। ପୂଜା କମିଟିର ସଭାପତି ଜୟଦେବ ନାଗକଁର ଦେଖିରେଖରେ ମଙ୍ଗଲବାର ଆୟୋଜିତ୍ ପୂଜାର ଉଦ୍‌ଘାଟନୀ ଉଛବ୍‌ରେ ପଶ୍ଚିମ ଓଡ଼ିଶା ଯାଦବ ସମାଜ ଉନ୍ନୟନ ପରିଷଦ ଅଧକ୍ଷ ବଳରାମସିଂ ଯାଦବ ମୁଖିଆ କୁନୁଆଁ ହିସାବେ ଯୋଗ ଦେଇଥିଲେ। ସେ ଇଷ୍ଟଦେବତା ଶ୍ରୀକୃଷ୍ଣକଁର ପୂଜାପାଠ୍ କଲା ଉତାରୁ ପାରମ୍ପରିକ ବାଡ଼ି ଖେଲ ଆର କୃଷ୍ଣକଁର ଗୋପ୍ ଲିଲାକେ ନେଇ ଭିନେ ଭିନେ ନାଚ୍‌ଗୀତ୍ ପରିବେଷନ୍ ହେଇଥିଲା। ପଛେ ସଭେ ଏକ୍‌ଠାନିଆଁ ପରସାଦ ପାଇଥିଲେ। ଇଥିରେ ପୂଝାରୀ ହିସାବେ ଦେବରାଜ ପଣ୍ଡା ଦାଇତିଅ ନେଇଥିଲାବେଲେ କରତା ହିସାବେ ବନିତା ଆର ରାମକୃଷ୍ଣ ଚିତକୁଡ଼ିଆ ଦମ୍ପତି ଦାଇତିଅ ତୁଲେଇଥିଲେ। ସେନ୍‌ତା ଉଦ୍‌ଯାପନୀ ଉଛବ୍‌ରେ ସଭାପତି ଜୟଦେବ ନାଗକଁର ସଭାପତିତ୍ୱନେ ମୁଖିଆ କୁନୁଆଁ ହିସାବେ ବ୍ଲକ ଅଧକ୍ଷ ସତ୍ୟନାରାୟଣ ମେହେର ଯୋଗଦେଇଥିଲାବେଲେ ସମ୍ମାନିତ କୁନୁଆଁ ହିସାବେ ଯାଦବ ସମାଜ ବଲାଙ୍ଗୀର ଜିଲା ସଭାପତି ଶେଷଦେବ ଭଇଁଷା, ବ୍ଲକ ଉପାଧକ୍ଷ ପ୍ରକାଶଚନ୍ଦ୍ର ମେହେର, ପୂରବର ସରପଁଚ୍ ସନ୍ତୋଷ କୁମାର ଭଇଁଷାଲ, ସାମାଜିକ କରମୀ ସୁଶୀଲ ଅଗ୍ରୱାଲ, ବିମଳ ଅଗ୍ରୱାଲ ପରମୁଖ ଯୋଗ୍‌ଦେଇଥିଲେ। ସଭା ଉତାରୁ ଦୁଲ୍‌ଦୁଲି ବଜାର ଆସର ଜମିଥିଲା। ପଛେ ନାଚ୍‌ଗୀତ ପରତିଯୋଗିତା ହେଇ ବିଜୟୀ ଦଲମାନକୁ ମାନ୍‌ପତର ସଂଗେ ସନାମନା କରାଯାଇଥିଲା। ଇଥିରେ ପୂଜା କମିଟିର ଲମ୍ବୋଦର ଭଇଁଷାଲ, ଯୁଧିଷ୍ଠୀର ଭଇଁଷାଲ, କବି ବାଗ, ଟିକେଶ୍ୱର ଭଇଁଷାଲ, ଧର୍ମସିଂ ଘୋଷି ପରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଭଇଁଷାଲ ସଭା ପରିଚାଳନା କରିଥିଲାବେଲେ ଉମାକାନ୍ତ ନାଗ ଧଏଦ୍‌ବାଦ୍ ଦେଇଥିଲେ।



ଉଦ୍‌ଯାପନୀ ଉଛବ୍‌ରେ ମଞ୍ଚାସୀନ ଅତିଥିମାନେ।

## ଯୋଗ ଶିବିର ଉଦ୍‌ଯାପିତ

**ଲୋଇସିଂହା.୩୦।୧୦(ଡି.ଏନ.ଏ)**

ଆଗଲପୁର ବ୍ଲକ କୁଟାସିଂହାଠାରେ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଚାଲିଥିବା ପଞ୍ଚ ଦିବସୀୟ ଯୋଗ ଶିବରି ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ସଭାରେ ଜିଲା କାର୍ଯ୍ୟ କର୍ତ୍ତା ପୁରନ୍ଦର ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ତହସିଲ ପ୍ରଭାରୀ ନୀଳାଞ୍ଚଳ ସାହୁ ମୁଖ୍ୟଅତିଥି, ଶିକ୍ଷକ ଯୋଗୀନ୍ଦ୍ର ଦାଶ, ଯୁବ ପ୍ରଭାରୀ ନରେନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ମାଧ୍ୟମରେ ଶରୀର ସୁସ୍ଥ ରହି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ କୁଟାସିଂହା, ତେନ୍ତୁଲି ଗାଁ, ଡୁଙ୍ଗରିପାଲି, ଷରଭଙ୍ଗା ଆଦି ଗ୍ରାମରୁ ଜନସାଧାରଣ ଯୋଗଦେଇ ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ପୁରନ୍ଦର ପଧାନ ଯୋଗ ଶିବିର ପରିଚାଳନା କରିଥିଲେ।



ଆଗଲପୁର ବ୍ଲକ କୁଟାସିଂହାଠାରେ ଅନୁଷ୍ଠିତ ଶିବିରରେ ଜନସାଧାରଣ ଯୋଗଭ୍ୟାସ କରୁଛନ୍ତି।

### ପଞ୍ଚାୟତ ସମିତି କଲେଜ ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ସଭା

**ବେଲପଡା, ୩୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଯୁକ୍ତତିନି ବିଜ୍ଞାନର ନବାଗତ ପ୍ରଥମ ବର୍ଷ ପ୍ରାଣ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ କଲେକ ପରିସରରେ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ରୋଜାଲିନ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅଧ୍ୟାପକ ସୁରେଶ ମହେର, ମନୋଜ ମହାଖୁଡ, ଲିଲିମା ପଣ୍ଡା, ସୁଶ୍ରୀ ମେହେର ଯୋଗ ଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ।



ସ୍ୱାଗତ ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ।

## ସୁପରମାଷ୍ଟର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସିରୋଲ ଚାମ୍ପିୟନ

**ମୁରିବାହାଲ, ୩୦।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସିରୋଲ ପଞ୍ଚାୟତର ବିଶିନପିଟା ଡଙ୍ଗରବୁଡ଼ା ଖେଳ ପଡିଆଠାରେ ଗତ ୨୨ ତାରିଖଠାରୁ ଚାଲିଥିବା ୧୦ମ ବାର୍ଷିକ ସୁପରମାଷ୍ଟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ସିରୋଲ ଦଳ ଚାମ୍ପିୟନ ହୋଇଛି। ଡେଜଲର କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ଗତ ୨୨ ତାରିଖଠାରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଆୟୋଜକ ସିରୋଲ ଓ ତୁର୍ଲା ମଧ୍ୟରେ ହୋଇଥିଲା। ତୁର୍ଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ସିରୋଲ ୪ ଉଇକେଟ ବିନିମୟରେ ୧୧ଓଭରରେ ୯୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଆୟୋଜକ କମିଟି ସଭାପତି ମାଧବ ବାଗ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ହଂସରାଜ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ସୁନ୍ଦରମତୀ ବାଗ, ମାଲିସିରା ପଞ୍ଚାୟତ ସରପଞ୍ଚ ଡୋଳାମଣୀ ବାଗ, ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ, କ୍ରୀଡାବିତ ମଳୟ ପୁଟେଲ, କୈଶ୍ୟପ ସରାଫ, ଜୟ କିଷନ ବାଗ ଓ ପୀତବାସ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ବିଜେତା ସିରୋଲ ଦଳକୁ ନଗଦ ୧୫ ହଜାର ଓ ଉପବିଜେତା ତୁର୍ଲା ଦଳକୁ ନଗଦ ୯ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ତୁର୍ଲା ଦଳର ହୃଦାନନ୍ଦ ଦାସ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ନବୀନ ହାତୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ମ୍ୟାଚକୁ ଡିଙ୍ଗର ନାଗ ଓ ଶ୍ରୀରାମ ନାଗ ପରିଚାଳନା କରିଥିଲେ। ସ୍କୋରର କୁଶ ବଗର୍ତ୍ତି, ଧାରାବିବରଣୀ ପ୍ରଦାନ କରିଥିଲେ ପ୍ରଭୁଦାସ କୁମ୍ଭାର ଓ ପିଣ୍ଟୁ ମହାନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କମିଟିର ଟୁମନ ସାହୁ, ବିରଞ୍ଚି ଛୁରା, ଥୟରାଜ ପ୍ରଧାନୀ, ନବୀନ ହାତୀ, ଗଜପତି ହାତୀ ଓ ପ୍ରକାଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରିଷିଡା,୩୦।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜେଡି କଲେଜରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଗଦାଧର ପଧାନଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ଯୋଗଦେଇ ଛାତ୍ରୀମାନଙ୍କ ସହାୟତା କରିବ ବୋଲି ପ୍ରକାଶ କରିଥିଲେ।

### ରାସ୍ତାରେ ତାଲିପକା କାମ ଚାଲିଛି

ରିଷିଡା,୩୦।୧୦ (ଡି.ଏନ.ଏ.)- ସମ୍ପ୍ରତି ରିଷିଡା- ମ.ରାମପୁର ରାସ୍ତା କାମ ଚାଲିଛି । ଏହି ରାସ୍ତାର କଲେଜ ଛକଠାରୁ ବଡଡୁଙ୍ଗୁରୀଗୁଡା ରାସ୍ତାକୁ ଏବେ ଖାଲଖମାକୁ ପିଚୁ ଦେଇ ତାଲି କାମ ଚାଲିଛି। ରାସ୍ତା କାମ ନିର୍ମାଣ ସମୟରେ ରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ନିର୍ମାଣ କରାଯାଉଛି। ତେବେ ଏହି ନିର୍ମାଣ ସମୟରେ ଏବେ ତାଲିପତା କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି । ଦୀର୍ଘ ଦିନ ହେଲା ଏହା ରାସ୍ତା ନିର୍ମାଣ କରା ନ ଯାଇ ଏବେ ରାସ୍ତା ନିର୍ମାଣ ସମୟରେ ତାଲିପକା କାମ କାହା ପାଇଁ କରାଯାଇଛି ବୋଲି ଆଲୋଚନା ହେଉଛି ।

### ବିଭିନ୍ନ ସ୍କୁଲରେ ରହିଛି ଅନେକ ସମସ୍ୟା

# ୩ ସ୍କୁଲରେ ବିଲ୍ଡିଂ ନାହିଁ, ପାଠପଢ଼ା ବାଧାପ୍ରାପ୍ତ

କେସିଙ୍ଗା,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବିଭିନ୍ନ ସ୍କୁଲରେ ଅନେକ ସମସ୍ୟା ଦେଖାଯାଉଥିଲେ ସୁଦ୍ଧା ଶିକ୍ଷା ବିଭାଗ ନିଦାବିଷ୍ଟ ସାଜି ରହିଛି । ବହୁ ଜାଗାରେ ସ୍କୁଲ ବିଲ୍ଡିଂ ନ ଥିବାରୁ ଛାତ୍ରୀଛାତ୍ର ଅଧୟନରେ ଘୋର ଅସୁବିଧା ଦେଖାଯାଉଛି। କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ୧୧୦ ଖଣ୍ଡ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ୧୦୯ ଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୪୮ଟି ଓ ୩୬ଟି ହାଇସ୍କୁଲ ରହିଛି। ଏଥି ମଧ୍ୟରୁ ଅଧମୁଣ୍ଡା ଗ୍ରାମପଞ୍ଚାୟତ ସୋରିଙ୍ଗପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଷ୍ଟିଗୁଡି ଗ୍ରାମପଞ୍ଚାୟତ ପାଷ୍ଟିକୁଡି ପ୍ରାଥମିକ ବିଦ୍ୟାଳୟ ଓ ଦେଓଗାଁ ଗ୍ରାମପଞ୍ଚାୟତ ମାଟିଆ ପ୍ରାଥମିକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଭାବେ ବିପଦ ସଙ୍କୁଳ ଓ ଡେମେଜ ହୋଇଛି । ଏହି ୩ଟି ସ୍କୁଲରେ ଥିବା ଛାତ୍ରୀଛାତ୍ର ସଦାସର୍ବଦା ବିପଦ ଅବସ୍ଥାରେ ଅଧୟନ କରୁଛନ୍ତି। ବ୍ଲକର ଲଟକାବାହାଲି ଓ କନ୍ତେଶିର ଗ୍ରାମପଞ୍ଚାୟତ ଗୌନ୍ତିଆପଡା ସ୍କୁଲରେ ବିଲ୍ଡିଂ ଗୃହ ନାହିଁ । ଛାତ୍ରୀଛାତ୍ରମାନେ ବହୁ କଷ୍ଟରେ ଗଛମୂଳେ ତ ପୁରୁଣା ସ୍କୁଲ ବାରଣ୍ଡାରେ ଅଧ୍ୟୟନ କରୁଛନ୍ତି । କେସିଙ୍ଗା ବ୍ଲକର ୩୬ଟି ସ୍କୁଲର ଭଗ୍ନ ଅବସ୍ଥାରେ ପଡିରହିଛି ଏବଂ ୧୦୫ଟି ସ୍କୁଲରେ ଆଂଶିକ ମରାମତି ଆବଶ୍ୟକତା ରହିଛି ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରୁ ପ୍ରକାଶ। ଏହି ବ୍ଲକରେ ୧୯୩ଟି ସ୍କୁଲରେ ୧୯ ହଜାର ୯୫୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏଥିପାଇଁ ୭୪୮ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିୟୋଜିତ ହୋଇଛନ୍ତି। ୧୫ଜଣ ପିଟିଆଇ ଶିକ୍ଷକ ରହିଛନ୍ତି। ଓଡିଶା ଶିକ୍ଷା ବିଭାଗର ନୀତି ଅନୁସାରେ ୩୫ ଜଣରେ ଜଣେ ଶିକ୍ଷକ ନିଯୁକ୍ତି ହେବା କଥା । କିନ୍ତୁ ଏହି ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଆହୁରି ୪୩ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆବଶ୍ୟକତା ରହିଛି । କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପଦବୀ ଖାଲି ପଡିରହିଛି । ବର୍ତ୍ତମାନ ଏହି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଭାର ତୁଲାଇବା ଇନଚାର୍ଜ ଭାବେ ବିଜୟ କୁମାର ସିଂହଙ୍କୁ ନିୟୋଜିତ କରାଯାଇଛି । ଇନଚାର୍ଜ ଦାୟିତ୍ୱରେ ଥିବା ବିଜୟ କୁମାର ସିଂହଙ୍କୁ ଜୟପାଟଣା, ଭବାନୀପାଟଣା ଇଓ ଅଫିସ, କେସିଙ୍ଗା ଏହିପରି ୩ଟି ବ୍ଲକ ଇନଚାର୍ଜ ଭାବେ ଶିକ୍ଷା ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । ଫଳରେ କେସିଙ୍ଗା ବ୍ଲକର ସମସ୍ତ ସ୍କୁଲ ପରିଦର୍ଶନରେ ବ୍ୟାଘାତ ସୃଷ୍ଟି ହେବା ସହିତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମଧ୍ୟରେ ଘୋର ସମସ୍ୟା ଦେଖାଦେଉଛି । ଏ ନେଇ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହଙ୍କୁ ପଚାରିବାରୁ ବ୍ଲକରେ ଦେଖାଯାଉଥିବା ସ୍କୁଲ ସମସ୍ୟା ଓ ମରାମତି ଓ ନୂତନ ବିଲ୍ଡିଂ ନିର୍ମାଣ ପାଇଁ ଶିକ୍ଷା ବିଭାଗକୁ ଚିଠି ଲେଖିଛି ବୋଲି କହିଥିଲେ।




ବିପଦସଙ୍କୁଳ ଅବସ୍ଥାରେ ଥିବା ମାଟିଆ ସ୍କୁଲ।

**କେସିଙ୍ଗା ବିଇଓ**

- ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପଦବୀ ଖାଲି
- ୩୬ ସ୍କୁଲ ଭଗ୍ନ ଅବସ୍ଥାରେ ପଡିରହିଛି
- ୩ ସ୍କୁଲ ଗୃହ ସମ୍ପୂର୍ଣ୍ଣ ବିପଦସଙ୍କୁଳ

# କ୍ଷୟକ୍ଷତି ଆକଳନ, ସରକାରୀ ସହାୟତା ପ୍ରଦାନ ଦାବି

କର୍ଲାମୁଣ୍ଡା,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ମାଟିଆଗୁଣ୍ଡି ପୋକ ବ୍ୟାପିବାରେ ଲାଗିଥିବା ବେଳେ ଯୋରାଡବ୍ରା ପଞ୍ଚାୟତରେ ଏହାର ପ୍ରଭାବ ଅଧିକ ଥିବା ଦେଖିବାକୁ ମିଳିଛି। ଯୋରାଡବ୍ରା ପଞ୍ଚାୟତର ଯୋରାଡବ୍ରା, ସିଲେଟପଡା, କାର୍ଣ୍ଣିଖୁଣ୍ଟି, ଏକାତରା, ଟେର୍ଚ୍ଚାପଲା, କୁର୍ଶୁଲା, ଶିଶାଖାଲ ପ୍ରଭୃତି ଗାଁଗୁଡ଼ିକରେ ଧାନ ଅମଳ କରିବା ପୂର୍ବରୁ ମାଟିଆଗୁଣ୍ଡି ପୋକ ଯୋଗୁ ଧାନଗଛଗୁଡିକ ନଷ୍ଟ ହେବାକୁ ବସିଛି। ଯେତେ ଔଷଧ ପ୍ରୟୋଗ କଲେ ମଧ୍ୟ ଏହି ପୋକ ଯେଉଁ ଜମିରେ ରହିଛି ସେହି ଜମିର ଧାନକୁ ସମ୍ପୂର୍ଣ୍ଣ ନଷ୍ଟ କରୁଥିବା ସିଲେଟପଡାର ଚାଷୀ ଚୈତନ୍ୟ ବାଗ କହିଛନ୍ତି। ଅନ୍ୟପଟେ ଚାଷୀର କ୍ଷୟକ୍ଷତି ଆକଳନ କରାଯାଇ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ସିଲେଟପଡା ଗ୍ରାମର ଚୈତନ୍ୟ ବାଗଙ୍କ ଜମିକୁ ଗ୍ରାମ୍ୟ କୃଷି କର୍ମଚାରୀ ଧର୍ମେନ୍ଦ୍ର ଶବର ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।



ଏମ୍‌ପି ଧବଳେଶ୍ୱର ଡିଗ୍ରୀ କଲେଜର ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

### ଧବଳେଶ୍ୱର ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ଶିକ୍ଷା ସହ ସଂସ୍କାର ଆବଶ୍ୟକ: ଏମ୍‌ପି ବସନ୍ତ ପଣ୍ଡା

ମୋହନଗିରି,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳକୁ ବୁଧବାର ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ଗସ୍ତ କରିଥିଲେ। ଅଞ୍ଚଳର ବିଭିନ୍ନ ସ୍ଥାନରେ ଆୟୋଜିତ ଜନସମ୍ପର୍କ ସଭାରେ ଯୋଗଦେଇ ଲୋକଙ୍କ ସମସ୍ୟ ବୁଝିଥିଲେ। ଏହି ଅବସରରେ ଧବଳେଶ୍ୱର ଡିଗ୍ରୀ କଲେଜରେ ଆୟୋଜିତ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ସହିତ ସଂସ୍କାର ହେବା ଆବଶ୍ୟକ ବୋଲି କହିଥିଲେ । ଆଜିର ସମାଜରେ ଜଣେ ଶିକ୍ଷିତ ବ୍ୟକ୍ତି ବି ଉପଯୁକ୍ତ ସଂସ୍କାର ଅଭାବରୁ ଲୋକ ଲଜ୍ଜିତ କାର୍ଯ୍ୟ କରିଥାଏ ଏବଂ ଜଣେ ଅଶିକ୍ଷିତ ବ୍ୟକ୍ତି ବି ଉପଯୁକ୍ତ ସଂସ୍କାର ଯୋଗୁ ଜନମାନସରେ ପ୍ରଶଂସିତ ହୋଇ ଥାଏ। ଛାତ୍ରୀଛାତ୍ରମାନେ ଶିକ୍ଷା ସହିତ ସଂସ୍କାର ହେବା ପାଇଁ ଉଦ୍ୟମ କରିବା ବିଧେୟ ବୋଲି ପଣ୍ଡା କହିଥିଲେ । ଏଥି ସହିତ ପଲିଥିନ ବ୍ୟବହାରରୁ ନିବୃତ ରହି ଆମ ରାଜ୍ୟକୁ ପଲିଥିନ ମୁକ୍ତ ରାଜ୍ୟ ଭାବେ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏମ୍‌ପିଙ୍କ ଏହି ଜନସଚେତନ କାର୍ଯ୍ୟକ୍ରମରେ ନର୍ଲା ଜିଲା ପରିଷଦ ସଦସ୍ୟ ପ୍ରଦୀପ ନାଏକ, ଅନିରୁଦ୍ଧ ପଧାନ, ହିରୋ ହିରାଲାଲ ମହଲାଙ୍କ ସମେତ ଶତାଧିକା ଦଳିୟ କର୍ମୀ ଓ ଜନ ସାଧାରଣ ଯୋଗଦେଇଥିଲେ।

### ଶିକ୍ଷକ ନିଯୁକ୍ତ ଦାବି

# ଗୋଇନ୍ଦିମୁଣ୍ଡାପଡ଼ା ସ୍କୁଲରେ ତାଲା

ଗୋଲାମୁଣ୍ଡା,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଅନେକ ସମୟରେ ବ୍ଲକରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକୁଥିବା ବେଳେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁଡୁକେଲସ୍ଥିତ ଗୋଇନ୍ଦିମୁଣ୍ଡାପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇଥିବା ଜଣାପଡିଛି । ଗୋଇନ୍ଦିମୁଣ୍ଡାପଡାଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏଁ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏଠାରେ ମାତ୍ର ଜଣେ ଶିକ୍ଷକରେ ସ୍କୁଲ ଚାଲିଛି । ଉକ୍ତ ସ୍କୁଲରେ ପୂର୍ବରୁ ୨ ଜଣ ଶିକ୍ଷକ ଥିବା ବେଳେ ୨୦୧୫ରୁ ଜଣେ ଶିକ୍ଷକରେ ସ୍କୁଲ ଚାଲିଛି। ଅନ୍ୟ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଇ ଦେଇଥିବା ଜଣାପଡିଛି । ଏସଂକ୍ରାନ୍ତରେ ଶିକ୍ଷା କମିଟି ଏବଂ ଗ୍ରାମବାସୀ ବାରମ୍ବାର ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରାହଣ ନ କରିବାରୁ ସ୍କୁଲ କମିଟି ଓ ଗ୍ରାମବାସୀ ବାଧ ହୋଇ ସ୍କୁଲରେ ତାଲା ପକାଇଛନ୍ତି । ଯେଉଁ ଦିନ ପର୍ଯ୍ୟନ୍ତ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ନ ଦିଆଯାଛି ସେ ପର୍ଯ୍ୟନ୍ତ ସ୍କୁଲରେ ତାଲା ପଡ଼ି ରହିବ ବୋଲି ସ୍କୁଲ କମିଟି ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଉକ୍ତ ସ୍କୁଲରେ ଯଥାଶୀଘ୍ର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଜିବନ୍ତ କୁମାର ମୁଣ୍ଡ କହିଛନ୍ତି ।




ଶିକ୍ଷକ ନିଯୁକ୍ତ ଦାବିରେ ସ୍କୁଲରେ ତାଲା ପଡ଼ିଛି।

### ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା ପକାଇବା ଘଟଣା

# ଶିକ୍ଷକ ନିଯୁକ୍ତି ପରେ ଅନଶନରୁ ହଟିଲେ ଗ୍ରାମବାସୀ

ପର୍ଲା,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅନ୍ତର୍ଗତ ଧଅଁରପୁର ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଗତ ୨୮ ତାରିଖରୁ ଅନଶନରେ ବସିଥଲେ। ବୁଧବାର ଶିକ୍ଷକ ନିଯୁକ୍ତି ପରେ ଅନଶନ ପ୍ରତ୍ୟାହାର ହୋଇଛି। ସୂଚନା ଅନୁସାରେ ଘଟଣାସ୍ଥଳକୁ ଧର୍ମଗଡ ଶିକ୍ଷା ଅଧିକାରୀ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବି ମତାବକ ୩ଜଣ ଶିକ୍ଷକଙ୍କୁ ନିଯୁକ୍ତି କରିବା ସହ ବିଦ୍ୟାଳୟରେ ଯୋଗଦାନ କରିଥିବା ଜଣାପଡିଛି। ସେଥିମଧ୍ୟରୁ ୨ଜଣ ଶିକ୍ଷକଙ୍କୁ ସପ୍ତାହରେ ୩ ଦିନ ଧରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପଢାଇବା ବ୍ୟବସ୍ଥା ରଖିଥିବା ବେଳେ ଜଣଙ୍କୁ ସ୍ଥାୟୀ ଶିକ୍ଷକ ଭାବେ ନିଯୁକ୍ତି କରାଯାଇଛି। ଅନ୍ୟପଟେ ନୂତନ ବିଦ୍ୟାଳୟ ଗୃହ ସ୍ଥାନାନ୍ତର ବିଷୟରେ ପାନୀୟ ଜଳ, ଓ ବିଦ୍ୟୁତ୍ ସଂଯୋଗ ଦାବିକୁ ଖୁବଶୀଘ୍ର ବ୍ୟବସ୍ଥା କରାଯିବାକୁ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀଙ୍କ ସହ ଶିକ୍ଷା ଅଧିକାରୀ ଆଲୋଚନା କରିବା ପରେ ବିଦ୍ୟାଳୟ ସଭାପତି ସୁରେନ୍ଦ୍ର ନାଏକ ଅନଶନକୁ ପ୍ରତ୍ୟାହାର କରିଥିବା ଘୋଷଣା କରିଥିଲେ। ପରେ ଅନଶନରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ସ୍କୁଲ ଭିତରକୁ ଶିକ୍ଷା ଅଧିକାରୀ ପାଛୋଟି ନେଇଥିଲେ ।

ଏବେ ସ୍ୱଭାବିକ ଭାବେ ପାଠପଡା ହେଉଥିବା ଜଣାପଡିଛି । ୨ ଦିନ ଧରି ଅନଶନରେ ଛାତ୍ରୀଛାତ୍ର ଓ ଗ୍ରାମର ଅଖିଳ ସେଠିଆ, ମହେଶ୍ୱର ଖମାରି, ଟଙ୍କଧର ଅଣ୍ଟି, ଭାଜପା ମଣ୍ଡଳ ସଭାପତି ସୁଧୀର ବାଗ, ସ୍ଥାନୀୟ ସରପଞ୍ଚ ଯଗଶ୍ୟାମ ଜୁଏଡ, ଶଙ୍କର ଜୁଏଡ ପ୍ରମୁଖ ବସି ରହିଥିଲେ। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟକୁ ଗତ ୨୦୧୩ରେ ସରକାର ଉଚ୍ଚ ବିଦ୍ୟାଳୟ ଭାବେ ସ୍ୱୀକୃତି ପ୍ରଦାନ ଦେଇଥିଲେ। ହେଲେ ପ୍ରଥମରୁ ହିଁ ଏଠାରେ ପ୍ରାଥମିକ ଶିକ୍ଷକଙ୍କ ଭରସାରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯାଉଥିଲା। ଘଟଣା ବିଷୟରେ ଧର୍ମଗଡ ଶିକ୍ଷା ଅଧିକାରୀ କିଶୋର କୁମାର ଖମାରିଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଦାବି ମୁତାବକୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ।

# ଆଶ୍ରୟସ୍ଥଳରୁ ଫେରାର ୨ ନାବାଳିକା ଉଦ୍ଧାର

ଭବାନୀପାଟଣା,୩୦।୧୦ (ଡି.ଏନ.ଏ.)

ଗତ ସେପ୍ଟେମ୍ବର ୨୪ ତାରିଖରେ ସ୍ଥାନୀୟ ନେହେରୁ ସେବା ସଂଘ ଦ୍ୱାରା ପରିଚାଳିତ ମୁକ୍ତ ଆଶ୍ରୟସ୍ଥଳରୁ ଫେରାର ହୋଇଥିବା ଦୁଇ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଜଣେ ନାବାଳିକାଙ୍କୁ କର୍ନାଟକର ବେଙ୍ଗାଲୁରୁରୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣକୁ ତାମିଲନାଡୁର ଥିରୁପୁରଠାରୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉଦ୍ଧାର କରିଛି। ସେମାନଙ୍କୁ ଅପହରଣ କରି ନେଇଥିବା ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଛତ୍ରିଆଙ୍କୁ ମଧ୍ୟ ପୋଲିସ ଗିରଫ କରିଥିବା କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨ ରାଜ୍ୟରୁ ନାବାଳିକାଙ୍କୁ ଉଦ୍ଧାର କରି ଓ ଅଭିଯୁକ୍ତଙ୍କୁ ଧରି ଗତ ୨୯ ତାରିଖରେ ଭବାନୀପାଟଣା ପହଞ୍ଚିଛି ବୋଲି ଏସ୍‌ପି କହିଛନ୍ତି। ପୂର୍ବରୁ ମଧ୍ୟ ଜୟପାଟଣା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଛତ୍ରିଆ ଜଣେ ନାବାଳିକାଙ୍କୁ ଅପହରଣ କରି ବାଙ୍ଗାଲୋର ନେଇ ଯାଇଥିଲେ। ପୋଲିସ ଗତ ଜାନୁୟାରୀ ୭ ତାରିଖରେ ନାବାଳିକାଙ୍କୁ ବାଙ୍ଗାଲୋର ଏକ ଇଟାଭାଟିରୁ ଉଦ୍ଧାର କରିଥିଲା। ତେବେ ଅପହରଣକାରୀ ଫେରାର ଥିଲେ। ଏହି ନାବାଳିକାଙ୍କୁ ଉଦ୍ଧାର କରିବା ପରେ ପୋଲିସ ଜିଲା ଶିଶୁ ମଙ୍ଗଳ ସମିତିରେ ହସ୍ତାନ୍ତର କରିଛି। ଜିଲା ଶିଶୁମଙ୍ଗଳ ସମିତି ନିର୍ଦ୍ଦେଶରେ ନାବାଳିକାଙ୍କୁ ସ୍ଥାନୀୟ ମୁକ୍ତ ଆଶ୍ରୟସ୍ଥଳରେ ରଖାଯାଇଥିଲା। ସେହିପରି ଗତ ଜୁଲାଇରେ ଜୟପାଟଣା ଥାନା ଅଞ୍ଚଳରୁ ଆଉ ଜଣେ ନାବାଳିକା ନିର୍ଯାତନା ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକାଙ୍କୁ ଶିଶୁ ମଙ୍ଗଳ ସମିତି ଜରିଆରେ ମୁକ୍ତ ଆଶ୍ରୟସ୍ଥଳରେ ରଖାଯାଇଥିଲା। ସେପ୍ଟେମ୍ବର ୨୪ ତାରିଖ ରାତି ୧୧ଟାରେ ଏହି ୨ ନାବାଳିକାଙ୍କୁ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଅପହରଣ କରିବା ଷଡଯନ୍ତ୍ର କରିଥିଲା। ଯୋଜନା ମୁତାବକ ଦୁଇ ନାବାଳିକା ଆଶ୍ରୟସ୍ଥଳର ପରିଚାଳିକାଠାରୁ ଶୋଇଥିବା ଅବସ୍ଥାରେ ଚାବି ଖସାଇ ଆଣି ଆଶ୍ରୟସ୍ଥଳର ତାଲା ଖୋଲି ବାହାରି ଯାଇଥିଲେ। ପୂର୍ବରୁ ଅପେକ୍ଷା କରିଥିବା ପୂର୍ଣ୍ଣଚନ୍ଦ୍ର ୨ ନାବାଳିକାଙ୍କୁ ସାଥିରେ ନେଇ ଚାଲି ଚାଲି ବସଷ୍ଟାଣ୍ଡ ଯାଇଥିଲେ। ସେଠାରୁ ବସରେ କେସିଙ୍ଗା ଓ ପରେ ଟ୍ରେନ୍ ଯୋଗେ ବାଙ୍ଗାଲୋର ଚାଲି ଯାଇଥିଲା। ବାଙ୍ଗାଲୋରରେ ଏକ ଇଟାଭାଟିରେ ପୂର୍ଣ୍ଣଚନ୍ଦ୍ର ଓ ଜଣେ ନାବାଳିକା କାମ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ସହାୟତାରେ ଅନ୍ୟ ଜଣେ ନାବାଳିକାଙ୍କୁ ତାମିଲନାଡୁର ଥିରୁପୁରଠାରେ ଏକ ଟେଲରିଂ ଦୋକାନରେ କାମ ମିଳିଯାଇଥିଲା। ୨୫ ତାରିଖ ସକାଳେ ଆଶ୍ରୟସ୍ଥଳରେ ଦୁଇ ନାବାଳିକା ନ ଥିବା ଦେଖି ଆଶ୍ରୟସ୍ଥଳର ପ୍ରୋଜେକ୍ଟ କୋର୍ଡିନେଟର କୈଳାଶ ଚନ୍ଦ୍ର ସୁବୁଦ୍ଧି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତର ମୋବାଇଲ ଟ୍ରାକିଂ କରି ବାଙ୍ଗାଲୋର ଓ ତାମିଲନାଡୁର ଥିରୁପୁରରୁ ୨ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଛି। ତେବେ ଆଶ୍ରୟସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଏବଂ ମନିଟରିଂ ବ୍ୟବସ୍ଥା ଢିଲା ଥିବାରୁ ଆଶ୍ରୟସ୍ଥଳି କର୍ତ୍ତୃପକ୍ଷଙ୍କୁ ଏସପି ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏ ସମ୍ପର୍କରେ ଜିଲାପାଳଙ୍କୁ ମଧ୍ୟ ପତ୍ର ଲେଖିଛନ୍ତି। ଏହି ଘଟଣାରେ ୨ ନାବାଳିକା ଆଶ୍ରୟସ୍ଥଳିରୁ ବାହାରି ଅପହରଣକାରୀଙ୍କ ସହ ପ୍ରାୟ ୨ କି.ମି. ପାଦେରେ ଚାଲି ଚାଲି ବସଷ୍ଟାଣ୍ଡ ଯିବା ଓ ସେଦିନ ରାତିରେ ପିସିଆର ଭ୍ୟାନ୍ ନଜରରେ ନ ପଡିବା କିମ୍ବା ଟାଉନ ଥାନା ନାଇଟ ପାଟ୍ରୋଲିଂ ପୋଲିସ ନଜରରେ ପଡି ନ ଥିଲା। ସେଦିନ ଦାୟିତ୍ୱରେ ଥିବା ପିସିସଆର ଭ୍ୟାନ୍ ଓ ନାଇଟ ପାଟ୍ରୋଲିଂ କର୍ମଚାରୀଙ୍କୁ ଜବାବ ତଲବ କରାଯିବ ବୋଲି ଏସ୍‌ପି ଗଙ୍ଗାଧର କହିଛନ୍ତି।

### କୁମ୍ଭାରୀ ଗାଁ ବାଲିଘାଟରୁ ବେଆଇନ ବାଲି ଚାଲାଣ

# ନଦୀପଠାରେ ଲୋକଙ୍କ ଆନ୍ଦୋଳନ

ଗୋଲାମୁଣ୍ଡା,୩୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅନ୍ତର୍ଗତ କୁମ୍ଭାରୀ ଗାଁ ପାଖ ନଦୀ ବାଲିଘାଟରୁ ବେଆଇ ବାଲି ଚାଲାଣ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ମଙ୍ଗଳବାର ବାଲି ଚଲାଣ ହେଉଥିବା ବେଳେ ଟ୍ରାକ୍ଟରକୁ ଅଟାଇ ଉକ୍ତ ନଦୀପଠାରୁ ବାଲି ନ ଉଠାଇବାକୁ ତାଗିତ କରିଥିଲେ। ଘଟଣାସ୍ଥଳରେ ଗୋଲାମୁଣ୍ଡା ତହସଲିଦାର ମୋନିଷା ଦାସ ଆସି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ବୁଧବାରଠାରୁ ଲୋକେ ନଦୀପଠାରେ ଆନ୍ଦୋଳନରେ ବସିଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ନଦୀକୂଳରୁ ବାଲି ଚଲାଣ ହେଉଥିବାରୁ ଧୀରେ ଧୀରେ ନଦୀରେ ପାଣି ଅଧିକ ହେଲେ କୂଳ ଖାଇ ନଦୀ ଗାଁ ମୁହାଁ ହେଉଛି। ନଦୀ କୂଳରେ ଥିବା ହୁଡା ପ୍ରତି ବିପଦ ମଧ୍ୟ ଦେଖାଉଛା। ଲିଜ୍ ଦିଆଯାଇଥିବା ଅଞ୍ଚଳ ବାହାରେ ମଧ୍ୟ ବହୁ ପରିମାଣରେ ବାଲି ଚଲାଣ ହେଉଛା। ଦିନ ରାତି ଟ୍ରକ୍, ଟ୍ରାକ୍ଟର, ଜେସିବି, ହେଇୱା ଗାଡି ଚାଲି ଗ୍ରାମ୍ୟ ରାସ୍ତା ଖରାପ ହୋଇ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅପରପକ୍ଷରେ ଉକ୍ତ ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ଯିବା ଆସିବା କରୁଥିବାରୁ ସେଥିପ୍ରତି ବିପଦ ଦେଖାଦେଉଛି। ଉକ୍ତ ବାଲି ପଠାରୁ ବାଲି ଚଲାଣ ବନ୍ଦ କରିବା ପାଇଁ ଗ୍ରାମବାସୀ ତହସିଲଦାରଙ୍କଠାରୁ ଆରମ୍ଭ କରି ଉପଜିଲପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଗୋଲାମୁଣ୍ଡା ତହସିଲଦାର ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଏହାର ସମାଧାନ କରାଯିବ ବୋଲି କହିଥିଲେ ମଧ୍ୟ କୌଣସି ସମାଧାନ କରି ନ ଥିବାରୁ ବୁଧବାର ସ୍ଥାନୀୟ ଲୋକେ ବାଲିପଠାରେ ଆନ୍ଦୋଳନରେ ବସିଥିବା ଜଣାପଡିଛି । ଉକ୍ତ ନଦୀ ପଠାରୁ ବାଲି ଚଲାଣ ବନ୍ଦ ନ ହେଲେ ଆନ୍ଦୋଳନ ଭୟାବହ ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଗୋଲାମୁଣ୍ଡା ତହସିଲଦାରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ତାଙ୍କ ଫୋନ ନ ଲାଗିବାରୁ ତାଙ୍କ ମତାମତ ମିଳିପାରିନାହିଁ ।



କୁମ୍ଭାରୀଗାଁ ବାଲିଘାଟରେ ଲୋକଙ୍କ ଆନ୍ଦୋଳନ ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



**ସଂକ୍ଷେପରେ**



## ଚୋରି ସାମଗ୍ରୀ ସହ ଚୋର ଗିରଫ

**ହେମଗିର, ୩୦।୧୦ (ଡି.ଏନ.ଏ)-** ହେମଗିର ଥାନା ଅନ୍ତର୍ଗତ ଟାଙ୍ଗରଡିହି ଗ୍ରାମରେ ପୋଲିସ ରାତିଅଧିଆ ଚଢ଼ାଉ କରି ଚାରି ଜଣଙ୍କୁ ଗିରଫ କରିଛି। ଏହା ସହ ଚୋରୀ ସାମଗ୍ରୀ ମଧ ଜବତ କରିଛି । ସେହି ଗ୍ରାମର ରାଜ କୁମାର ଖଡିଆ (୨୫), ଜଗନ୍ନାଥ ଭୋଇ (୨୨), ମାଲକୁଣ୍ଡି ଜାମୁଡା (୩୦) ସହ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଟାଙ୍ଗରଡିହି ଗ୍ରାମରୁ ଭିନ୍ନଭିନ୍ନ ସମୟରେ ବିଭିନ୍ନ ପାଣି ପମ୍ପ, ତାର, ମେଶିନ ପ୍ରଭୃତି ଚୋରୀ ହେଉଥିବା ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ରାତିରେ ଅତର୍କିତ ଚଢ଼ାଉ କରି ଉକ୍ତ ଚାରି ଜଣଙ୍କୁ ଧରିବା ସଙ୍ଗେ ସଙ୍ଗେ ଗୋଟାଏ ସମରସେବୁଲ ପମ୍ପ, ଗୋଟିଏ ଟୁଲୁ ପମ୍ପ, ତିନି ବଣ୍ଡଲ ତାର, ଭାଇବ୍ରେଟିଙ୍ଗ ମେଶିନ ଦୁଇଟି ଜବତ କରିଥିଲା । ଏନେଇ ହେମଗିର ଥାନାରେ କେସ ନଂ. ୧୫୧/୧୯ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

### ସୁନ୍ଦରଗଡ଼ ଜିଲାସ୍ତରୀୟ ଧାନସଂଗ୍ରହ କମିଟିର ବୈଠକ

# ନଭେମ୍ବର ୨୫ରୁ ଧାନକିଣା

**ସୁନ୍ଦରଗଡ଼, ୩୦।୧୦(ଡି.ଏନ.ଏ)**

ଆସନ୍ତା ନଭେମ୍ବର ୨୫ରୁ ସୁନ୍ଦରଗଡ଼ ଜିଲାରେ ଚଳିତଖରିଫ ଋତୁର ଧାନକ୍ରୟର ଶୁଭାରମ୍ଭ ହେବ। ବୁଧବାର ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନସଂଗ୍ରହ କମିଟିର ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଚଳିତ ଖରିଫଋତୁରେ ଚାଷୀଙ୍କଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଓ ଧାନ ସଂଗ୍ରହନୀତି ଅନୁଯାୟୀ ଧାନକ୍ରୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଚଳିତବର୍ଷ ସାଧାରଣ କିସମ (ଏଫଏକ୍ୟୁ) ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ରଖାଯାଇଛି। ଚଳିତବର୍ଷ ଜିଲାରେ ୩୭ହଜାର ୯୫୨ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମପଞ୍ଜିକୃତ କରିଛନ୍ତି। ଜିଲାରେ ମୋଟ ୪୭ଟି ଲ୍ୟାମ୍ପସର ୧୨୪ଟି ଧାନକ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କ ଠାରୁ ଧାନ କିଣା ହେବ। ଚାଷୀମାନେ ଯେଭଳି ସେମାନଙ୍କର ଧାନକୁ ସୁବିଧାରେ କ୍ରୟ କେନ୍ଦ୍ରରେ ବିକ୍ରୟ କରି ନିର୍ଦ୍ଧାରିତ ୨୪ ରୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କର ପାଉଣା ପାଇବେ ସେ ନେଇ ଜିଲାପାଳ



ଜିଲାସ୍ତରୀୟ ଧାନସଂଗ୍ରହ କମିଟିର ବୈଠକରେ ଜିଲାପାଳ, ଏମ୍ପି ଓ ଅନ୍ୟମାନେ ଉପସ୍ଥିତ।

ଗୁରୁତ୍ୱାରୋପ କରିଥିଲେ। ପଞ୍ଜିକୃତ ହୋଇଥିବା ଚାଷୀମାନେ କେଉଁଦିନ କେତେ ପରିମାଣର ଧାନ ବିକ୍ରୟ କରିବେ ଓ କ୍ରୟ କେନ୍ଦ୍ରର ନାମ ସମ୍ବନ୍ଧୀୟ ସୂଚନା ଚାଷୀଙ୍କ ମୋବାଇଲ ଫୋନ୍‌କୁ ମେସେଜ ଆସିବା ସହ ନିର୍ଦ୍ଧାରିତ ଲ୍ୟାମ୍ପସକୁ ମଧ୍ୟ ତଥ୍ୟ ଓ ଟୋକନ୍ ଆଗତୁରା ସୂଚିତ କରାଯିବ। ଚାଷୀମାନେ ନିର୍ଦ୍ଧାରିତ ଦିନରେ ନିଜର ଆଧାର କାର୍ଡ ଓ ଟୋକନ ଧରି ଧାନକ୍ରୟ କେନ୍ଦ୍ରରେ ପହଞ୍ଚି ସକାଳ ୮ଟାରୁ ଅପରାହ୍ଣ ୧ଟା ମଧ୍ୟରେ ଧାନବିକ୍ରୀ କରିପାରିବେ। ଚଳିତବର୍ଷ ଜିଲାରେ ୧୫ଜଣ ମିଲର୍ସ ଧାନ କିଣାରେ ଅଂଶଗ୍ରହଣ କରିବେ। ଚାଷୀଙ୍କ ସୁବିଧାକୁ ଧ୍ୟାନଦେଇ ଚଳିତବର୍ଷ ଜିଲାରେ ବଡଗାଁ ବ୍ଲକର ଭୋଇପାଲି, ସବ୍‌ଡେଗା ବ୍ଲକର କୁକୁରିଡିହି, ଟାଙ୍ଗରପାଲି ବ୍ଲକର ଟାଙ୍ଗରମୁଣ୍ଡା, ରେମଣ୍ଡା ଓ ସଦର ବ୍ଲକର ଲଙ୍କାହୁଡା ଠାରେ ୫ଟି ନୂତନ ଧାନକ୍ରୟ କେନ୍ଦ୍ର ଖୋଲାଯାଇଛି। ଆସନ୍ତା ୧ ତାରିଖରେ ଧାନକ୍ରୟରେ ନିୟୋଜିତ ହେବାକୁ ଥିବା ଲ୍ୟାମ୍ପସଗୁଡିକର ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ ସହ ଧାନକିଣା ସମ୍ବନ୍ଧରେ ଚାଷୀମାନଙ୍କୁ ଅଧିକ ସଚେତନ କରିବା ପାଇଁ ସମବାୟ ବିଭାଗ ନିୟନ୍ତ୍ରିତ ବଜାର କମିଟିଗୁଡିକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଏମ୍ପି ଜୁଏଲ ଓରାମ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ,

**୧୨୪ କ୍ରୟ କେନ୍ଦ୍ରରେ ହେବ ଧାନକିଣା**

ତଳସରା ବିଧାୟକ ଭବାନୀ ଭୋଇ, ରାଜଗାଙ୍ଗପୁର ବିଧାୟକ ଡା. ସିଏଚ ରାଜେନ୍ ଏକ୍କା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ, ଲହୁଣୀପଡା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ କିଷାନ, ଚାଷୀ ପ୍ରତିନିଧି ଜୟମଙ୍ଗଳ ପଟେଲ, ପ୍ରଫୁଲ୍ଲ ପଟେଲଙ୍କ ସମେତ ମିଲର୍ସ ପ୍ରତିନିଧିମାନେ ଯୋଗଦେଇ ଚଳିତବର୍ଷ ଚାଷୀମାନେ ଯେଭଳି ସୁବିଧାରେ ନିଜର ଧାନ ମଣ୍ଡିରେ ବିକ୍ରୀ କରିପାରିବେ ସେ ନେଇ ନିଜର ମତ ରଖିଥିଲେ। ଜିଲା ଯୋଗାଣ ଅଧିକାରୀ ଭିକାରୀ ଚରଣ ମଙ୍ଗରାଜ ପ୍ରାରମ୍ଭରେ ଧାନକିଣା ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମବାୟ ଉପନିବନ୍ଧକ ଜେରାମ କେରକେଟା, ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକଙ୍କ ସମେତ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟିର ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଥାନାରେ ଅଭିଯୋଗ

**ବେଦବ୍ୟାସ, ୩୦।୧୦ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡି ଅଧିନସ୍ଥ କଲୁଙ୍ଗା- ନୂଆଗାଁ ରାସ୍ତାରେ ମଙ୍ଗଳବାର ରାତି ୧୨ଟା ବେଳେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଯୁବକମାନେ ସନ୍ଦେହ କରି ନିସ୍ତୁକ ମାଡ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ରାଜଗାଙ୍ଗପୁର ନିବାସୀ ମହମ୍ମଦ ସାଇବାନ (୧୮)। ସେ ବର୍ତ୍ତମାନ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ମହମ୍ମଦ ସାଇବାନ କଲୁଙ୍ଗା ମୁସଲିମ ବସ୍ତି ସ୍ଥିତ ଭେଣାଇ ମହମ୍ମଦ ସାକିଲ ଘରେ ରହି ଏକ ଘରୋଇ କମ୍ପାନୀରେ କାମ କରନ୍ତି। ମଙ୍ଗଳବାର ରାଜଗାଙ୍ଗପୁରରୁ କଲୁଙ୍ଗା ଭେଣୋଇ ଘରକୁ ଆସୁଥିବା ବେଳେ ରାତ୍ରି ହୋଇଯାଇଥିଲା। ସ୍ଥାନୀୟ ଯୁବକମାନେ ବିଳମ୍ବିତ ରାତ୍ରିରେ ଆସୁଥିବା ସନ୍ଦେହ କରି ସାଇବାନଙ୍କୁ ମୁହଁ ବନ୍ଦ କରି ନିସ୍ତୁକ ମାଡ ମାରିବା, ମୁଣ୍ଡରେ ବାଳ ଜଳାଇଦେବା ସହ ମରଣାନ୍ତକ ଆକ୍ରମଣ ଓ ବସ୍ତ୍ରହୀନ ଅଚେତ ଅବସ୍ଥା ସହ ରାସ୍ତାକଡରେ ପକାଇ ଦେବା ଅଭିଯୋଗ ହୋଇଛି।

# ଜିଲା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ, ୩୦।୧୦ (ଡି.ଏନ.ଏ)**

ବଡ଼ଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି) ପରିସରରେ ବୁଧବାର ଜିଲା ପୋଲିସ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ବାରିକ, ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ବଡ଼ଗାଁ ଯୁକ୍ତ ୨ କଲେଜ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ, ବଡଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କାଥରିନା ଖାଲକୋ, ଆଇଟିସି କର୍ମଚାରୀ ପ୍ରଶାନ୍ତ ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଡିଏସ୍‌ପି ପ୍ରଧାନ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ। ଅତିରିକ୍ତ ଏସପି ବାରିକ ବୁଝାଇବାକୁ ଯାଇ କହିଥିଲେ, ଦୁର୍ଘଟଣା ବଢ଼ି ଚାଲିବା ଚିନ୍ତାଜନକ ହେଲାଣି। ଟ୍ରାଫିକ ନିୟମ କଡାକରି ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଉଛି। ଜିଲା ପୋଲିସର କଳାକାର ମ୍ୟୁଜିକ ମାଷ୍ଟର ଜୟଦେବ ତନ୍ତୀ, ପେଡ ମାଷ୍ଟର କୁନୁ ଧରୁଆ, ଟ୍ରାଙ୍ଗୋ ମାଷ୍ଟର ଦିଲୀପ ସିଂ, ବାଦୀ ପରିବେଷଣ କରିଥିଲେ। ନୃତ୍ୟଗୁରୁ ପ୍ରଶାନ୍ତ ପଟ୍ଟନାୟକ, ସହଯୋଗୀ କଳାକାର ବିଜେତା ଟିଗା, ସୁରେଖା ନାଏକ, ସରିତା ବାର୍ଲା, ବିଳାସିନୀ ବାର୍ଲା, ନିଳା ତିର୍କୀ, ପ୍ରଶାନ୍ତ ପ୍ରଧାନ, ସୌରଭ ଗରଡିଆ ସଡକ ସୁରକ୍ଷା ସମ୍ବନ୍ଧୀୟ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ବଡ଼ଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବଡଗାଁ ଯୁକ୍ତ ୨, ଡିଗ୍ରୀ କଲେଜ, ଆଇଟିସି ଛାତ୍ରୀଛାତ୍ର, ସ୍କୁଲ ଛାତ୍ରୀଛାତ୍ର, ଗ୍ରାମବାସୀ ଯୋଗଦେଇଥିଲେ। ବଡଗାଁ, ତୁଡାଲଗା, ଭୋଇପାଲି ଓ ଟିକିଲିପଡା ପଞ୍ଚାୟତର ଯୁବ ବାହିନୀ ପକ୍ଷରୁ ବ୍ଲକ ଅଫିସରୁ ସଡକ ସୁରକ୍ଷା ସଚେତନତା ରାଲି ବାହାରି ଆଇଟିସିରେ ପହଞ୍ଚିଥିଲା। ଏହାପରେ ଅତିରିକ୍ତ ଏସପି, ଡିଏସପି, ଥାନା ଆଇଆଇସିଙ୍କ ଉପସ୍ଥିତିରେ ରାଜପଥରେ ହେଲମେଟ ନ ପିନ୍ଧି ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଲିଫଲେଟ ଦେଇ ଓ ହେଲମେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ କଲମ ପୁରସ୍କୃତ କରି ସଚେତନ କରାଇଥିଲେ। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅମିତ ଜେନା, ବଡ଼ଗାଁ ପଞ୍ଚାୟତର ସଭାପତି ସୁଶାନ୍ତ କୁମାର ସା, ତୁଡାଲଗା ପଞ୍ଚାୟତ ସଭାପତି ଲବଣୀଧର ସା, ଟିକିଲିପଡା ପଞ୍ଚାୟତ ସଭାପତି ମନୋରଞ୍ଜନ ପାତ୍ର, ଭୋଇପାଲି ପଞ୍ଚାୟତ ସଭାପତି ଦିବାକର କାଲୋଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଅତିରିକ୍ତ ଏସ୍‌ପିଙ୍କ ସହିତ ଅନ୍ୟମାନ।

## ମାରପିଟ ଅଭିଯୋଗରେ ଦୁଇ ଗିରଫ

**ହେମଗିର, ୩୦।୧୦ (ଡି.ଏନ.ଏ)**

ହେମଗିର ଥାନା ଅନ୍ତର୍ଗତ ବରପାଲି ଗ୍ରାମର ଜଣେ ଲୋକଙ୍କୁ ମରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ନୂଆବଲିଙ୍ଗା ଗ୍ରାମର ଦେବ ଚନ୍ଦ୍ର ନାଏକ (୨୮) ଓ ବରପାଲି ଗ୍ରାମର ଭରତ ମାଝି (୨୧) କୌଣସି କାରଣରୁ ସେହି ଗ୍ରାମର ଯୁଧିଷ୍ଠିର ବେହେରାଙ୍କ ସାଙ୍ଗରେ ଝଗଡା ହୋଇଥିଲା । ଉଭୟଙ୍କ ଭିତରେ କଥା କଟାକଟି ବଢ଼ି ଯିବାରୁ ଦେବ ଚନ୍ଦ୍ର ଓ ଭରତ ମାଡପିଟ କରିବା ସହ ଏକ ଧାରୁଆ ଅସ୍ତ୍ର ସାହାର୍ଯ୍ୟରେ ଯୁଧିଷ୍ଠିରଙ୍କ ମୁଣ୍ଡରେ ଆଘାତ କରିଥିଲେ। ଏହାକୁ ନେଇ ହେମଗିର ଥାନାରେ ଏକ ଏତଲା (ନଂ. ୧୫୨/୧୯) ରୁଜୁ କରାଯାଇଛି। ପରେ ଯୁଧିଷ୍ଠିରଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ତଦନ୍ତ ଜାରି ରହିଛି ।

## ହାଇୱା ଧକ୍କାରେ ବାଇକ ଆରୋହୀ ଗୁରୁତର

**ବେଦବ୍ୟାସ, ୩୦।୧୦ (ଡି.ଏନ.ଏ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡି ଅଧିନସ୍ଥ କଲୁଙ୍ଗା ରେଳ ଫାଟକ ନିକଟରେ ବୁଧବାର ମଧ୍ୟାହ୍ନ ୧୨ଟା ବେଳେ ଏକ ହାଇୱା ଗାଡି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଧରମ ମହାନ୍ତୋ (୧୮)। ସେ ଆରଜିଏଚ୍‌ରେ ଚିକିତ୍ସାଧୀନ ଅଛନ୍ତି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**କୁଆଁରମୁଣ୍ଡା,୩୦।୧୦(ଡି.ଏନ.ଏ.)**

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ସ୍କୁଲର ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରତିବର୍ଷ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଶିକ୍ଷା କ୍ଲଷ୍ଟରରୁ ଆରମ୍ଭ ହୋଇ ବ୍ଲକ, ଜିଲା ଓ ଶେଷରେ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ଶିକ୍ଷା କ୍ଲଷ୍ଟରରୁ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନଙ୍କୁ ନେଇ ସୋମବାର ସ୍ଥାନୀୟ ହରିହର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ରୀମନ୍ତ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗରେ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ସନ୍ଧ୍ୟା ସାଢେ ୬ଟାରେ କୃତୀ ପ୍ରତିଯୋଗୀଙ୍କ ପାଇଁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ,ଏବିଇଓ ଗୁରୁଚରଣ ସାହୁ,ଏବିଇଓ ମୋହନ କୁମାର, ହରିହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବତ୍ସ କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହା ସହ ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ନଭେମ୍ବର ୫ରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପଧାନ ଏହି ଅବସରରେ ସୂଚନା ଦେଇଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## କୁତ୍ରା, ରାଜଗାଙ୍ଗପୁରରେ ଓକିଲଙ୍କ ଆନ୍ଦୋଳନ

**ରାଜଗାଙ୍ଗପୁର/ କୁତ୍ରା, ୩୦।୧୦ (ଡି.ଏନ.ଏ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ରାଜଗାଙ୍ଗପୁର ଓ କୁତ୍ରାଠାରେ ବନ୍ଦ ପାଳନ କରାଯାଇଛି। ଓକିଲମାନେ ପିକେଟିଂ କରି ରାଜଗାଙ୍ଗପୁରର କୋର୍ଟ, ତହସିଲ ଅଫିସ, ବ୍ଲକ ଭଳି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦେଇଛନ୍ତି। ଠିକ ସେହିପରି କୁତ୍ରାଠାରେ ମଧ ଓକିଲମାନଙ୍କ ଦ୍ୱାରା ବ୍ଲକ, ତହସିଲ ସମେତ ସମସ୍ତ ସରକାରୀ ଅଫିସ ଗୁଡିକୁ ବନ୍ଦ କରି ଦିଆଯାଇଛି। ଏବାବଦରେ ରାଜଗାଙ୍ଗପୁର ଓକିଲ ସଂଘର ସଭାପତି ରବୀନ୍ଦ୍ର ବେହେରାଙ୍କୁ ପଚାରିବାରୁ ପଶ୍ଚିମ ଓଡିଶାରେ ବହୁମାତ୍ରାରେ ଆଦିବାସୀ ସମେତ ବହୁ ଗରିବ ଲୋକ ବସବାସ କରନ୍ତି। ଏମାନଙ୍କୁ ବିଭିନ୍ନ କାମ ପାଇଁ କଟକ ହାଇକୋର୍ଟ ଯାଇ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ନାନା ସମସ୍ୟା ଭୋଗିବାକୁ ପଡିଥାଏ। ଏଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ସୁବିଧା ପାଇଁ ପଶ୍ଚିମ ଓଡ଼ିଶାରେ ଏକ ସ୍ଥାୟୀ ବେଞ୍ଚ ସ୍ଥାପନା ପାଇଁ ସମୂହ ଓକିଲ ସଂଘ ଦୀର୍ଘ ଦିନରୁ ଦାବିକରି ଆସୁଛନ୍ତି। ଉଭୟ ଓଡିଶା ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ପଶ୍ଚିମ ଓଡିଶାରେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ହାଇକୋର୍ଟରେ ଏକ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ପଦକ୍ଷେପ ନ ନିଅନ୍ତି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଭାପତି ରବୀନ୍ଦ୍ର ବେହେରା କହିଥିଲେ । ଏହି ଆନ୍ଦୋଳନ ପାଇଁ ଜନସାଧାରଣଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗ କରିବାକୁ ପଡୁଥିବା ସତ୍ତ୍ୱେ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ସମସ୍ତ ଜନସାଧାରଣ ପୂର୍ଣ୍ଣ ମାତ୍ରାରେ ଓକିଲମାନଙ୍କ ଆନ୍ଦୋଳନକୁ ସମର୍ଥନ ଦେଉଥିବା ଜଣାପଡିଛି ।



କୁତ୍ରାଠାରେ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଛି।

# ପୋଷାକ କିଣାରେ ବ୍ୟାପକ ଅନିୟମିତତା

**ଲେଫ୍ରିପଡା, ୩୦।୧୦(ଡି.ଏନ.ଏ)**

ସରକାର ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ମାଗଣାରେ ପୋଷାକ ଦେବାକୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ର ବିଦ୍ୟାଳୟମାନଙ୍କରେ ପୋଷାକ ବଣ୍ଟନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବ୍ଲକ୍ ଶିକ୍ଷା ପ୍ରଶାସନ ଠାରୁ ପ୍ରଧାନ ଶିକ୍ଷକ ପର୍ଯ୍ୟନ୍ତ ଦଶରୁ ପନ୍ଦର ପ୍ରତିଶତ କମିଶନ (ପିସି) କାରବାର ଚଳାଇଥିବାରୁ ଛାତ୍ରୀଛାତ୍ରମାନେ ନିମ୍ନମାନର ପୋଷାକ ପାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବର୍ଷକୁ ଛଅଶହ ଟଙ୍କା ମୂଲ୍ୟରେ ଦୁଇହଳ ପୋଷାକ ସହିତ ଜୋତା ମୋଜା ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ହଲେ ପୋଷାକ ପ୍ରତି ଶହେ ଟଙ୍କା କମିଶନ କାରବାର ଚାଲୁଛି। ଏଥିରେ ବ୍ଲକ ଶିକ୍ଷା ପ୍ରଶାସନ ତିରିଶରୁ ଚାଳିଶ ଟଙ୍କା ଏବଂ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଷାଠିଏରୁ ସତୁରୀ ଟଙ୍କା କାରବାର ଚାଲୁଥିବା ନେଇ ପୋଷାକ ଯୋଗାଣ କରୁଥିବା ବ୍ୟବସାୟୀ ମାନଙ୍କଠାରୁ ଜଣାପଡିଛି। ନିୟମ ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟି ପୋଷାକର ଗୁଣାତ୍ମକମାନ ଯାଞ୍ଚ କରି ବଣ୍ଟନ ବ୍ୟବସ୍ଥା ରହିଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହୁଥିବା ନେଇ ବିଭିନ୍ନ ପରିଚାଳନା କମିଟି ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ବ୍ୟାପକ କମିଶନ କାରବାର ଯୋଗୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସୂତା କପଡାର ପୋଷାକ ପରିବର୍ତ୍ତେ ନିମ୍ନ ମାନର ପଲିଷ୍ଟର କପଡାର ପୋଷାକ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ପୋଷାକ ଅଗଷ୍ଟ ମାସ ସୁଦ୍ଧା ବଣ୍ଟନ କରିବାର ନିୟମ ରହିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ ହୋଇ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଷାକ ସବୁ ନିମ୍ନମାନର ହେବାରୁ ବହୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପୋଷାକ ବର୍ତ୍ତମାନ ଚିରି ଯାଉଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିରହିଛି। ପୋଷାକ ବଣ୍ଟନ କ୍ଷେତ୍ରରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ବ୍ଲକ୍ ଶିକ୍ଷା ପ୍ରଶାସନର ଚାପର ବଶବର୍ତ୍ତୀ ହୋଇ ନିର୍ଦ୍ଦିଷ୍ଟ ବେପାରୀଙ୍କ ଠାରୁ କିଣିବାକୁ ପଡୁଛି ବୋଲି ମତାମତ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକମାନଙ୍କ ମତାମତରୁ ସ୍ପଷ୍ଟ ଜଣାପଡୁଛି ଯେ, ନିର୍ଦ୍ଦିଷ୍ଟ ବେପାରୀଙ୍କ ସହିତ ବ୍ଲକ ଶିକ୍ଷା ବିଭାଗର ସଲାସୁତରା ରହିଛି। ପୋଷାକ ବଣ୍ଟନରେ ଅନିୟମିତତା ଅଭିଯୋଗ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ଉଠାଇ ନ ଥିଲେ। ସୁନ୍ଦରଗଡ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଏ ଦିଗରେ ଜିଲା କାର୍ଯ୍ୟାଳୟକୁ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ଆସିଲେ ତୁରନ୍ତ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଛାତ୍ରୀଛାତ୍ରଙ୍କୁ ଯୋଗାଣ ହେଉଥିବା ପୋଷାକ।

**ନିମ୍ନମାନର ଅଭିଯୋଗ, ଚାଲିଛି ପିସି କାରବାର**

